ଧରିତ୍ରୀ
DHARITRI
December 1-7, 2024 ₹ 2/-

ଧରିତ୍ରୀ 51 Years

# ଛୁଟିଦିନ



# ତଥାପି ବିଜେତା

କିଏ ଦିବ୍ୟାଙ୍ଗ ତ କିଏ ମାନସିକ ଅନଗ୍ରସର, ହେଲେ ଶାରୀରିକ ଅକ୍ଷମତା ତାଙ୍କୁ ବାଧା ଦେଇ ପାରିନି କି ତାଙ୍କ ସଫଳତାର ଯାତ୍ରାକୁ ରୋକି ପାରିନି । ଯେଉଁଥିପାଇଁ ଆଜି ସେମାନେ ଜାତୀୟ  ଓ ଅନ୍ତର୍ଜାତୀୟ ସ୍ତରରେ  ଜଣେ ଜଣେ ସଫଳ କ୍ରୀଡ଼ାବିତ୍ ...

ପ୍ରଚ୍ଛଦ ପ୍ରସଙ୍ଗ ୩

# ମୟୂର ପ୍ରତିମା କେଉଁଠି ରଖିବା ଶୁଭ

**ବାସ୍ତୁଶାସ୍ତ୍ର ଅନୁଯାୟୀ, ମୟୂର ପ୍ରତିମା ରଖିବା ଦ୍ୱାରା ଘରେ ସକାରାତ୍ମକ ଉର୍ଜାର ଆଗମନ ହୋଇଥାଏ। ବିଶେଷକରି ରୁପାର ମୟୂର ପ୍ରତିମା ଘର ପାଇଁ ଅଧିକ ଶୁଭଫଳ ଆଣିଥାଏ। ତେବେ ମୟୂର ପ୍ରତିମାକୁ ଘରର କେଉଁ ସ୍ଥାନରେ ରଖିବା ଶୁଭ ହୋଇଥାଏ ଜାଣନ୍ତୁ ସେ ସମ୍ପର୍କରେ...**



✲ ବାସ୍ତୁଶାସ୍ତ୍ର ଅନୁଯାୟୀ, ଠାକୁର ଘରେ ରୁପାର ମୟୂର ପ୍ରତିମା ରଖିଲେ ସକାରାତ୍ମକ ଉର୍ଜା ବୃଦ୍ଧି ପାଇବା ସଙ୍ଗେସଙ୍ଗେ ଭଗବାନ ବିଷ୍ଣୁ ଓ ମାତା ଲକ୍ଷ୍ମୀଙ୍କର କୃପା ଲାଭ ହୋଇଥାଏ। ଘରେ ସୁଖସମୃଦ୍ଧି ବଢ଼ିବା ସହିତ ମାନସିକ ଶାନ୍ତି ମିଳିଥାଏ।

✲ ବେଳେବେଳେ ଦେଖାଯାଏ, ନିଷ୍ଠାର ସହ ଖୁବ୍ ପରିଶ୍ରମ କରିବା ସତ୍ତ୍ୱେ ବି କାର୍ଯ୍ୟରେ ସଫଳତା ମିଳେନି। ଏହାପଛରେ ଭାଗ୍ୟଦୋଷର କାରଣ ଥିବା ଅନୁମାନ କରାଯାଏ। ଯଦି ଏମିତି ହେଉଥାଏ, ପୂର୍ଣ୍ଣିମା ଦିନ ରୁପାର ମୟୂର ପ୍ରତିମାଟିଏ ଆଣି ଟ୍ରେଜେରିରେ ରଖିଦେଲେ ଧୀରେ ଧୀରେ ଏହି ସମସ୍ୟାର ସମାଧାନ ହେବାକୁ ଲାଗେ।

✲ ବ୍ୟବସାୟରେ ବାରମ୍ବାର ସମସ୍ୟା ଉପୁଜୁଥିଲେ ଅଥବା କ୍ଷତି ହେଉଥିଲେ, ବ୍ୟବସାୟ ସମ୍ପର୍କିତ ଫାଇଲ୍ ପତ୍ର ଯେଉଁଠାରେ ରଖୁଛନ୍ତି, ସେଠାରେ ରୁପାର ଏକ ମୟୂର ପ୍ରତିମା ରଖିଦେଲେ କ୍ରମେ ଏହି ସମସ୍ୟା ସୁଧୁରିଯାଏ ବୋଲି ବିଶ୍ୱାସ କରାଯାଏ।

✲ ସ୍ତ୍ରୀ-ସ୍ୱାମୀଙ୍କ ଭିତରେ ଥିବା ସମ୍ପର୍କକୁ ମଜଭୁତ କରିବା ପାଇଁ ସେମାନଙ୍କ ଶୟନ କକ୍ଷରେ ମଧ୍ୟ ରୁପାର ମୟୂର ପ୍ରତିମା ରଖିବା ଶୁଭ ହୋଇଥାଏ।

✲ ଘରର ଅଭାବ ଅସୁବିଧାକୁ ବି ରୁପାର ମୟୂର ପ୍ରତିମା ସୁଧାରିଥାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଡିସେମ୍ବର ୧-୭

**ମେଷ**
ଶାରିରୀକ ଅସୁସ୍ଥତା,ବନ୍ଧୁଙ୍କ ଆଶ୍ୱାସନା, ସମସ୍ୟା ସମାଧାନ, ବୈଷୟିକ ଅଭିବୃଦ୍ଧି, କାର୍ଯ୍ୟସିଦ୍ଧିରୁ ଆନନ୍ଦ, ନୂତନ ଯୋଜନାରମ୍ଭ, ପାରିବାରିକ ଶାନ୍ତି, ନୂତନ ମିତ୍ରତା, ଯାନବାହନରେ ତ୍ରୁଟି, ରଚନାତ୍ମକ କାର୍ଯ୍ୟରେ ପ୍ରଶଂସା ।।

**ବୃଷ**
କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ, ତରବରିଆ ପଦକ୍ଷେପ, ଶାରୀରିକ ପୀଡା, ମାଙ୍ଗଳିକକାର୍ଯ୍ୟ ପ୍ରସ୍ତୁତି, ଅପେକ୍ଷାକୃତ ଅସୁବିଧା, ଭାତୃବର୍ଗ ଦ୍ୱାରା ସମସ୍ୟା, ବିପଦ ଦୂରେଇ ଯିବ, ବନ୍ଧୁଙ୍କୁ ଆପଣେଇ ନେବେ, ବସ୍ତ୍ରଭୂଷଣ ପ୍ରାପ୍ତି, ତିର୍ଥାଟନର ସୁଯୋଗ ଲାଭ, ବ୍ୟବସାୟିକ ଉତ୍କର୍ଷତା ।।

**ମିଥୁନ**
ମାନସିକ ଶାନ୍ତି, ଯାତ୍ରାରେ ଲକ୍ଷ୍ୟପୂରଣ, ପ୍ରଶାସନିକ ତତ୍ପରତା, ଆଇନ ସହାୟତା ପାଇବେ, ଅନୁତାପ କରିପାରନ୍ତି, ବିଳମ୍ବରେ କାର୍ଯ୍ୟସିଦ୍ଧି, କାଶ କଫ ଜନିତ ପୀଡା, ପାରିବାରିକ ବିଶୃଙ୍ଖଳା, ବନ୍ଧୁଙ୍କ ସହଯୋଗ ।।

**କର୍କଟ**
ଆଶଙ୍କା ଦୂର ହେବ,ଦ୍ରବ୍ୟ ନଷ୍ଟ ହୋଇପାରେ, ଭାବପ୍ରବଣତା ବୃଦ୍ଧି, ଅଭିଯୋଗ ଆସିପାରେ, ନିଜ ପରିସରରେ ପ୍ରତିଷ୍ଠା, ନୂତନ କାର୍ଯ୍ୟାରମ୍ଭ, ଶିଳ୍ପବାଣିଜ୍ୟରେ ଉନ୍ନତି, ବିଦେଶଯାତ୍ରାର ସୁଯୋଗ ।।

**ସିଂହ**
ସମସ୍ୟା ସମାଧାନ, ଆର୍ଥିକ ସହାୟତା ପ୍ରାପ୍ତି, ବାଣିଜ୍ୟ ମାନ୍ଦା ରହିବ, କର୍ମକ୍ଷେତ୍ରରେ ପ୍ରଶଂସା, ସ୍ଥିରତା ଅବ୍ୟାୟତ ରହିବ, ଭୋଗ ବିଳାସର ପ୍ରାଚୁର୍ଯ୍ୟ, ସ୍ୱାସ୍ଥ୍ୟହାନିରୁ ଦୁଃଶ୍ଚିନ୍ତା, ଶୁଭ ଖବର ପାଇବେ, ମାଙ୍ଗଳିକ କାର୍ଯ୍ୟର ଆଲୋଚନା ।।

**କନ୍ୟା**
ନୂତନ କର୍ମାରମ୍ଭ, ଯୋଗାଣ କାରବାରରେ ଉନ୍ନତି, ମାଙ୍ଗଳିକ କାମର ଯୋଜନା, ଦୁଃସାହସିକ ପଦକ୍ଷେପ, ବିଭିନ୍ନ ସୂତ୍ରରୁ ରୋଜଗାର, ପଦମର୍ଯ୍ୟାଦା ବୃଦ୍ଧି, ଦ୍ୱନ୍ଦ୍ୱର ଅବସାନ, ଦୈହିକ ଦୁର୍ବଳତା, କର୍ମକ୍ଷେତ୍ରରେ ମନ୍ଥରତା ।।

**ତୁଳା**
ପଦମର୍ଯ୍ୟାଦା ବୃଦ୍ଧି, ଅପ୍ରିୟଭାଷଣରୁ କଳହ, ଅପଦସ୍ତ ହୋଇପାରନ୍ତି, କାମରେ ପ୍ରତିବନ୍ଧକ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ରିସ୍କ ପଦକ୍ଷେପ ନେଇପାରନ୍ତି, କର୍ମକ୍ଷେତ୍ରରେ ବିବାଦ, କଚେରୀ ମାମଲାରେ ବାଇଦା, ଆବଦ୍ଧଯୋଗରୁ ମୁକ୍ତ ହେବେ, ଟେନସନ୍ କମିଯିବ ।।

**ବିଛା**
କାର୍ଯ୍ୟଦକ୍ଷତାରୁ ସମ୍ମାନ, ପଦସ୍ଥବ୍ୟକ୍ତିଙ୍କ ପ୍ରଶଂସା, ସମ୍ମାନିତ ହୋଇ ପାରନ୍ତି, ନୂତନ କାର୍ଯ୍ୟାରମ୍ଭ, ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ, ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ, ପରିବାରରୁ ପୂର୍ଣ୍ଣ ସହଯୋଗ, ନୈରାଶ୍ୟଜନିତ ଦୁଃଖାନୁଭବ, ଜମିଜମା ସମସ୍ୟା ।।

**ଧନୁ**
ପାରିବାରିକ ସମସ୍ୟା, ପରାଶ୍ରୟତାର ଦୁଃଖ, ସ୍ୱାସ୍ଥ୍ୟରେ ଉନ୍ନତି, ପଡୋଶୀଙ୍କ ସହାନୁଭୂତି, ଶୁଭଖବର ପାଇବେ, ପାରିବାରିକ ସଦ୍ଭାବ, ଆନୁଷ୍ଠାନିକ କାମରେ ବାଧା, ବ୍ୟବସାୟରେ ଶିଥିଳତା, ବନ୍ଧୁ କଥାରେ ପ୍ରଭାବିତ, ଭୁଲ କାମ କରିପାରନ୍ତି ।।

**ମକର**
ପରିଶ୍ରମ ଜନିତ ଦୁଶ୍ଚିନ୍ତା, ରକ୍ତଚାପ ବଢ଼ିପାରେ, ହାତ ଖାଲି ରହିବ, ଗୋଡରେ ଆଘାତ ଲାଗିପାରେ, ଦୂରଯାତ୍ରା କରିପାରନ୍ତି, ବିରୋଧୀପକ୍ଷଙ୍କ ସକ୍ରିୟତା, ଦ୍ୱନ୍ଦ୍ୱର ଅବସାନ ଘଟିବ, ନୂତନ ମିତ୍ରତା ସୃଷ୍ଟି, ଆଶା ଫଳବତୀ ହେବ, ଦୁର୍ବଳତା ଜନିତ ମନସ୍ତାପ ।।

**କୁମ୍ଭ**
ବନ୍ଧୁଙ୍କ କାର୍ଯ୍ୟରେ ଅସନ୍ତୋଷ, ମନରେ ବିରକ୍ତି ଆସିବ, ପାରିବାରିକ ବ୍ୟତିକ୍ରମ, ଭ୍ରମଣ ସୁଯୋଗ ଜୁଟିବ, ସମସ୍ୟାର ସମାଧାନ, ବ୍ୟବସାୟ ବଢ଼ିବ, ବନ୍ଧୁ ମିଳନରୁ ଆନନ୍ଦ, ଯାତ୍ରାରେ ସଫଳତା, ପିତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି, ବ୍ୟବସାୟରେ ମନ୍ଥର ଗତି ।।

**ମୀନ**
ଦ୍ୱନ୍ଦ୍ୱର ଅବସାନ ଘଟିବ, ହାତକୁ ଦି ପଇସା ଆସିବ, ଦୂରଯାତ୍ରାର ମସୁଧା, ନିଷ୍ପତ୍ତି ବଦଳାଇପାରନ୍ତି, ସୁସ୍ଥତା ଫେରିପାଇବେ, ପରୋକ୍ଷ ଶତ୍ରୁତାରୁ ମନସ୍ତାପ, ସ୍ନାୟବିକ ଦୁର୍ବଳତା, ସ୍ଥଗିତ କାର୍ଯ୍ୟରେ ଅସ୍ଥିରତା, ପ୍ରତିକୂଳ ପରିସ୍ଥିତି, ପୈତୃକ ସମ୍ପତ୍ତିରେ ବିବାଦ, ଧର୍ମକାର୍ଯ୍ୟ କରିବେ ।।

# ଅଏଲ୍ ଥେରାପି

**ଶୀ**ତଦିନେ ତ୍ୱଚାର ଡ୍ରାଇନେସ୍‌ରୁ ମୁକ୍ତି ପାଇବା ପାଇଁ କିଏ ମାର୍କେଟରେ ମିଳୁଥିବା ନାମୀଦାମୀ ମଶ୍ଚରାଇଜର କ୍ରିମ୍ ଆଣି ଲଗାନ୍ତି ତ କିଏ ବଡି ଲୋଶନର ବ୍ୟବହାର କରିଥାନ୍ତି। ହେଲେ ଜାଣନ୍ତି କି ଏମିତି କିଛି ତେଲ ରହିଛି ; ଯାହାକୁ ଶୀତଦିନେ ତ୍ୱଚାରେ ଲଗାଇଲେ ତ୍ୱଚାର ଡ୍ରାଇନେସ୍ ଦୂର ହେବା ସହିତ ଏହା ଗ୍ଲୋ ବି କରିଥାଏ। ଯଥା ✲ ଶୀତଦିନେ ନଡ଼ିଆ ତେଲ ବେଷ୍ଟ ମଶ୍ଚରାଇଜର ଭାବେ କାମ କରିଥାଏ। ଏଥିରେ ଥିବା ଆଣ୍ଟି ବ୍ୟାକ୍ଟେରିଆଲ ଓ ଆଣ୍ଟି ଫଙ୍ଗାଲ ଗୁଣ ପାଇଁ ଏହା ଶୀତଦିନେ ହେଉଥିବା ବିଭିନ୍ନ ପ୍ରକାର ତ୍ୱଚାଜନିତ ସମସ୍ୟାରୁ ସୁରକ୍ଷା ଦେଇଥାଏ। ✲ ଶୀତଦିନେ ତ୍ୱଚାର ଖାସ୍ ଯତ୍ନ ନେବା ପାଇଁ ଅଲିଭ୍ ତେଲର ବ୍ୟବହାର ବି କରିପାରିବେ। କାରଣ ଏଥିରେ ଆଣ୍ଟି ଏଜିଙ୍ଗ୍ ଓ ଆଣ୍ଟି ଅକ୍ସିଡାଣ୍ଟର ତତ୍ତ୍ୱ ଭରି ରହିଥିବାରୁ ଏହି ତେଲରେ ମସାଜ କଲେ ତ୍ୱଚା ସଫ୍ଟ ହେବା ସହ ଗ୍ଲୋଇଂ କରିଥାଏ। ✲ ଭିଟାମିନ୍ ଏ, ବି ଓ ସି'ରେ ଭରା ବାଦାମ ତେଲକୁ ଶୀତଦିନେ ତ୍ୱଚାରେ ମାଲିସ୍ କଲେ ତ୍ୱଚାର ଡ୍ରାଇନେସ୍ ଦୂର ହେବା ସହିତ ତ୍ୱଚାକୁ ଠିକ୍ ପୋଷଣ ମିଳିଥାଏ। ସନ୍ ଟ୍ୟାନ୍ ଓ ଡେଡ୍ ସ୍କିନ୍ ସମସ୍ୟାରୁ ବି ମୁକ୍ତି ମିଳିଥାଏ। ✲ ସୂର୍ଯ୍ୟମୁଖୀ ତେଲରେ ବିଟା କାରୋଟିନ୍ ଓ ଆଣ୍ଟି ଅକ୍ସିଡାଣ୍ଟ ତତ୍ତ୍ୱ ଥିବାରୁ ଶୀତଦିନେ ଏହାକୁ ବ୍ୟବହାର କଲେ ବ୍ୟାକ୍ଟେରିଆଲ୍ ଇନ୍‌ଫେକ୍ସନ୍, ବ୍ରଣ ସମସ୍ୟାରୁ ମୁକ୍ତି ମିଳିଥାଏ। ✲ ଶୀତଦିନେ ତ୍ୱଚାରେ ବ୍ଲଡ୍ ସର୍କୁଲେଶନ୍‌କୁ ଠିକ୍ ରଖିବାରେ ସୋରିଷ ତେଲର ମସାଜ ବେଶ୍ ସହାୟକ ହୋଇଥାଏ।



# ପାଠକୀୟ

✲ ଯାହା କାହିଁ କେଉଁ କାଳରୁ ହୋଇ ନ ଥିଲା। ତାହାକୁ କରି ଦେଖାଇଛନ୍ତି କେତେଜଣ ପୁରୁଷ। ପ୍ରଥା ପରମ୍ପରା ନାଁରେ ନାରୀର ସ୍ୱାଧୀନତା, ଅଧିକାରକୁ ଯେଉଁ ବେଡ଼ି ପକାଯାଇଥିଲା, ତାକୁ ସେମାନେ ଛିଣ୍ଡାଇଛନ୍ତି। ଆଉ ପ୍ରୟାସ କରିଛନ୍ତି ଲିଙ୍ଗଗତ ଭେଦଭାବ ଦୂର କରି ନାରୀକୁ ତା'ର ସମ୍ମାନ ଫେରାଇବେ। ତେଣୁ ଏଭଳି ଏକ ନିଆରା ଆଲେଖ୍ୟକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଯାହାଙ୍କ ପାଇଁ ନାରୀ ପୁରୁଷ ସମାନ' ଶୀର୍ଷକ ପାଠଟି ବେଶ୍ ମନଛୁଆଁ ହୋଇଥିଲା। 'ମୟୂରପୁଚ୍ଛର ବାସ୍ତୁ ବିଚାର', ''ଶୀତଦିନେ କ'ଣ ଖାଇବେ'' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା। ***– ଆଲୋକ ପ୍ରଧାନ, ପୁରୀ***

✲ ପିଲାଟି ଦିନୁ ଝିଅଙ୍କ ପାଦରେ ବାନ୍ଧି ଦିଆଯାଏ କଟକଣାର ଶୃଙ୍ଖଳ। ଏକୁଟିଆ କୁଆଡ଼େ ଯିବୁନି, ବେଶି ରାତିଯାଏ ବାହାରେ ରହିବୁନି, ଶରୀର ଘୋଡ଼େଇ ହେଉଥିବା ପୋଷାକ ପିନ୍ଧିବୁ...ଏମିତି ଅନେକ କିଛି। ଆଉ ବାହାଘର ପରେ ତ ତା'ର ଘର, ଠିକଣା ପୁଣି ବଦଳେ ନାଁ ଓ ସାଙ୍ଗିଆ। ହେଲେ କିଛି ପୁରୁଷ ଏମିତି ଅଛନ୍ତି, ଯେଉଁମାନେ ହୃଦୟଙ୍ଗମ କରିପାରିଛନ୍ତି ଲିଙ୍ଗଗତ ଭେଦଭାବ କେତେ କଷ୍ଟ ଦିଏ ନାରୀଙ୍କୁ ; ଆଉ ସେ ନେଇ ସେମାନେ ଏପରି କିଛି କାମ କରିଯାଇଛନ୍ତି ,ଯାହା ଅନ୍ୟଙ୍କ ପାଇଁ ପ୍ରେରଣା। ଏଭଳି ଏକ ଭିନ୍ନ ଧରଣର ବିଷୟବସ୍ତୁକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଯାହାଙ୍କ ପାଇଁ ନାରୀ ପୁରୁଷ ସମାନ'ଟି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। 'ସୁରୋଂ କା ଷ୍ଟ୍ରାଇକର୍' ପାଠଟି ବି ବେଶ୍ ମନଛୁଆଁ ଥିଲା। ***– ଛବିନା ରଥ, ପିପିଲି***

✲ ବ୍ୟକ୍ତିତ୍ୱ ପୃଷ୍ଠାରୁ କବି, ଗାଳ୍ପିକ, ନାଟ୍ୟକାର ଡ. ତ୍ରିନାଥ ପଟ୍ଟନାୟକଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଆଚାର' ଶୀର୍ଷକ ଗପଟି ହୃଦୟସ୍ପର୍ଶୀ ଥିଲା। ସିନେମା ପୃଷ୍ଠାରେ ସ୍ଥାନିତ 'ଦୃଢ଼ମନା ଭୂମି', 'ଭୁଲନ୍ତି ନାହିଁ ଦୀପିକା', 'ଖୋଜୁଛନ୍ତି ଆଲିଆ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା। ***– ଲେଖାଶ୍ରୀ ମଲ୍ଲିକ, ମୟୂରଭଞ୍ଜ***

✲ ସାହିତ୍ୟିକା ଭାନୁମତି ସାହୁଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ହୃଦୟସ୍ପର୍ଶୀ ଥିଲା। 'ହରିହରଙ୍କ କାଠ କାରିଗରି', 'କଂସା ପିତ୍ତଳ ସଂଗ୍ରହାଳୟ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା। ମଡେଲ୍ ମିରର୍‌ରେ ରୂପଶ୍ରୀ ବେଶ୍ ସୁନ୍ଦରୀ ଦେଖାଯାଉଥିଲେ। ***– ଜନ୍ମେଜୟ ସାହୁ, ଭୁବନେଶ୍ୱର***

✲ ସହରଠୁ ଦୂର ପୃଷ୍ଠାରୁ 'ଭାନଗଡ଼ ଦୁର୍ଗ' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ବିବିଧା ପୃଷ୍ଠାରୁ 'ତିନି ବାଦଶାହଙ୍କର ନିଶ ଥିବାବେଳେ ଚତୁର୍ଥ ବାଦଶାହଙ୍କର ନ ଥାଏ କାହିଁକି' ପାଠଟିରୁ ବହୁ ଅଜଣା କଥା ଜାଣିହେଲା। ବ୍ୟାକ୍‌ପେଜ୍ ପୃଷ୍ଠାଟି ବି ନିଆରା ଥିଲା। ***– ପ୍ରଭାତି ସ୍ୱାଇଁ, କେନ୍ଦ୍ରାପଡ଼ା***

## ବିଶେଷ ଚିଠି



ଏଥରର ପ୍ରଚ୍ଛଦରେ
'ଯାହାଙ୍କ ପାଇଁ
ନାରୀ ପୁରୁଷ ସମାନ',
ଥିଲା ଭାରି ନିଆରା
ଦେଉଥିଲା ନୂଆ ନୂଆ ଦିଗ୍‌ଦର୍ଶନ।
ସାଥୀ, ସିନେମା ଓ ସହରଠୁ ଦୂର
ତା'ସାଙ୍ଗକୁ ପୁଣି ମନ କିଣୁଥିଲା
ତୁମ ପ୍ରଥମ ରୋଜଗାର।
ହେ ପ୍ରିୟ ଛୁଟିଦିନ
ତୁମେ ଲାଗ ସବୁଠୁ ଉତ୍ତମ।
***– ରାକେଶ ଦାସ, ମାଲକାନଗିରି***

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ତଥାପି ବିଜେତା



**କିଏ ଦିବ୍ୟାଙ୍ଗ ତ କିଏ ମାନସିକ ଅନଗ୍ରସର । ହେଲେ ଶାରୀରିକ ଅକ୍ଷମତା ତାଙ୍କୁ ବାଧା ଦେଇ ପାରିନି କି ତାଙ୍କ ସଫଳତାର ଯାତ୍ରାକୁ ରୋକି ପାରିନି । ଯେଉଁଥିପାଇଁ ଆଜି ସେମାନେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଜଣେ ଜଣେ ସଫଳ କ୍ରିଡ଼ାବିତ୍...**

ଏମାନଙ୍କ ମଧ୍ୟରେ କେହି କେହି ଦିବ୍ୟାଙ୍ଗ ତ କେହି ମାନସିକ ଅନଗ୍ରସର । କିନ୍ତୁ ସେମାନଙ୍କର ଲକ୍ଷ୍ୟ ବହୁତ ବଡ଼ । ନିଜ ଲକ୍ଷ୍ୟପୂରଣ ପାଇଁ ସେମାନେ ସବୁ ପ୍ରକାରର ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ଆଗକୁ ଅଗ୍ରସର ହୋଇଛନ୍ତି । ଯେଉଁଥିପାଇଁ ଆଜି ସେମାନେ ଜାତୀୟସ୍ତରରେ ଓ ସ୍ପେଶାଲ ଅଲିମ୍ପିକ୍ସ ସମର ଗେମ୍ସର ସଫଳ କ୍ରିଡ଼ାବିତ୍ ହୋଇପାରିଛନ୍ତି । ଏମିତି କେତେଜଣ ପ୍ରତିଭାବାନ କ୍ରୀଡ଼ାବିତଙ୍କ ସମ୍ପର୍କରେ...

**ବୈଷ୍ଣବ ରାଜପଲିଆ** –ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଅଧୀନ ଟିକ୍ରାପଡ଼ା ଗାଁର ଭୁବନ ରାଜପଲିଆ ଓ କସ୍ତୁରୀ ରାଜପଲିଆଙ୍କ ଚାରି ଝିଅ ଓ ଗୋଟିଏ ପୁଅକୁ ନେଇ ତାଙ୍କ ପରିବାର । ଭୁବନଙ୍କ ରୋଜଗାରରେ ଘରର ସାତ ପ୍ରାଣୀ ଚଳନ୍ତି । ଯେମିତି ଯାହା ପରିବାର ଚଳୁଥିଲା । ସ୍ୱପ୍ନ ଥିଲା ପୁଅ ବଡ଼ ହେଲେ କିଛି କରିବ । ଘରର ଦୁଃଖ ଯିବ । ହେଲେ ଏକମାତ୍ର ପୁଅ ବୈଷ୍ଣବ ମାନସିକ ଅନଗ୍ରସର ଜାଣିବା ପରେ ପରିବାରରେ ସମସ୍ତେ ଦୁଃଖରେ ଭାଙ୍ଗି ପଡ଼ିଲେ । ତାଙ୍କୁ ଲାଗୁଥିଲା ପୁଅର ଭବିଷ୍ୟତ ସମ୍ପୂର୍ଣ୍ଣ ଅନ୍ଧାର । କିନ୍ତୁ ଭଗବାନ ତା' ଭାଗ୍ୟରେ ଆଉ କିଛି ଲେଖିଥିଲେ । ତାଙ୍କ ଏହି ଯାତ୍ରା ସମ୍ପର୍କରେ ଅର୍ନ୍ତଜାତୀୟ କୋଚ୍ **ଉମାକାନ୍ତ ଷଡ଼ଙ୍ଗୀ** କୁହନ୍ତି, ୨୦୧୬ମସିହାରେ ଭୀମ ଭୋଇ ସାମର୍ଥ୍ୟ ଶିବିରରେ ବୈଷ୍ଣବଙ୍କୁ ଚିହ୍ନଟ କରାଯାଇଥିଲା । ପରେ ସଇଁତଳାଠାରେ ଥିବା ରେଡକ୍ରସ ଭିନ୍ନକ୍ଷମ ବିଦ୍ୟାଳୟ ପରିସରରେ ରହିଥିବା ମାନସିକ ଅନଗ୍ରସର ବିଦ୍ୟାଳୟର ପ୍ରାକ୍ ଶ୍ରେଣୀରେ ନାମ ଲେଖାଇଥିଲେ । ପରେ ୨୦୧୭ରେ ବରଗଡ଼ ଜିଲାରେ ଆୟୋଜିତ ସ୍ୱତନ୍ତ୍ର ଅଲିମ୍ପିକ୍ସ ଭିନ୍ନକ୍ଷମ କ୍ରୀଡ଼ାରେ ଭାଗନେଇ ଭଲ ପ୍ରଦର୍ଶନ କରିଥିଲେ । ଏହାପରେ ୨୦୧୧ରେ ବଲାଙ୍ଗୀରଠାରେ ଆୟୋଜିତ ଜିଲାସ୍ତରୀୟ କ୍ରୀଡ଼ାରେ ମଧ୍ୟ ଉଚ୍ଚମାନର ପ୍ରଦର୍ଶନ କରିଥିଲେ । ପୁଣି ୨୦୧୮ରେ ବିହାରର ମୁଜାଫରଠାରେ ସ୍ୱତନ୍ତ୍ର ଅଲିମ୍ପିକ୍ସ ଭାରତ ଦ୍ୱାରା ଆୟୋଜିତ ପ୍ରଶିକ୍ଷଣ ଶିବିରରେ ସେ ଭାଗନେଇ ଥିଲେ । ୨୦୨୨ରେ ଗୁଜରାଟର ଗାନ୍ଧୀ ନଗରରେ ଆନ୍ତର୍ଜାତୀୟ ବିଶ୍ୱକ୍ରୀଡ଼ା ନିମନ୍ତେ ଚୟନ ଶିବିରରେ ଯୋଗଦେଇଥିଲେ । ଯେଉଁଥିରେ ସେ ୧୦୦ମିଟରରେ ପ୍ରଥମ, ୨ଶହ ମିଟରରେ ୨ୟ, ଶଟପୁଟ୍ ଥ୍ରୋରେ ୨ୟ, ରିଲେ ରେସ୍‌ରେ ପ୍ରଥମସ୍ଥାନ ହାସଲ କରିଥିଲେ । ପରେ ୨୦୨୨–୨୦୨୩ ମଧ୍ୟରେ ପ୍ରାୟ ୫ଟି ପର୍ଯ୍ୟାୟରେ ଶଟପୁଟ ଥ୍ରୋ, ମିନିଜାଭେଲିନ, ରିଲେ ଆଦି କ୍ରୀଡ଼ାରେ ଯୋଗ୍ୟତା ଅର୍ଜନ କରିଥିଲେ । ସେହିପରି ୨୦୨୨ରେ ଜାତୀୟ ଚାମ୍ପିୟନଶିପ ଓ ପ୍ରଶିକ୍ଷଣ ଶିବିରରେ ଶହେମିଟରରେ ପ୍ରଥମ, ଜାଭେଲିନରେ ୨ୟ, ଶଟପୁଟ୍‌ରେ ୨ୟ, ଚାରିଶହ ମିଟର ଦୌଡ଼ରେ ପ୍ରଥମ, ୨୦୨୩ରେ ପାରାଲିମ୍ପିକ୍ସ ରାଜ୍ୟ ଚାମ୍ପିୟନଶିପ, ୪ଶହ ମିଟରରେ ୨ୟ, ଲଙ୍ଗଜମ୍ପରେ ୨ୟ , ଶଟପୁଟରେ ୩ୟ, ସେହିପରି ୨୦୨୩ରେ ବିଶ୍ୱ ଗ୍ରୀଷ୍ମକ୍ରୀଡ଼ା ଜର୍ମାନୀର ବର୍ଲିନଠାରେ ଆୟୋଜିତ ସ୍ପେଶାଲ ଅଲିମ୍ପିକ୍ସରେ ଶଟପୁଟରେ ୨ୟ, ଜାଭେଲିନରେ ୪ର୍ଥ ଓ ୪ଶହମିଟର ଦୌଡ଼ରେ ୪ର୍ଥ ସ୍ଥାନ ହାସଲ କରିଥିଲେ । ପ୍ରକୃତରେ ସେ ପ୍ରମାଣ କରିଦେଲେ ଯେ ଦୃଢ଼ମନୋବଳ ଓ ପ୍ରବଳ ଇଚ୍ଛାଶକ୍ତି ସହ ଉପଯୁକ୍ତ ଟ୍ରେନିଂ ପାଇଲେ ଜଣେ ସଫଳତା ପାଇପାରେ । ତାଙ୍କ ସଫଳତା ପାଇଁ ତାଙ୍କୁ ଜିଲାପ୍ରଶାସନ ସହ ବିଭିନ୍ନ କ୍ଷେତ୍ରରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏବେ ତାଙ୍କୁ ବୟସ ପ୍ରାୟ ୧୯ବର୍ଷ । ସେ ସଇଁତଳା ରେଡ଼କ୍ରସ ଭିନ୍ନକ୍ଷମ ବିଦ୍ୟାଳୟରେ ୧୫ଜଣ ପିଲାଙ୍କୁ କ୍ରୀଡ଼ାରେ ପ୍ରଶିକ୍ଷଣ ଦେଉଛନ୍ତି ।

**ସଙ୍ଗୀତା ନାୟକ:** ସ୍ୱତନ୍ତ୍ର ଅଲିମ୍ପିକ୍ସ ଏସିଆ ପେସିଫିକ୍ ରିଜୋନାଲ ବୋଲିଂ ପ୍ରତିଯୋଗିତା ୨୦୨୪ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ସେ ହେଲେ **ସଙ୍ଗୀତା ନାୟକ** । ପିତା ଅନିରୁଦ୍ଧ ନାୟକ ଓ ମା' ମଞ୍ଜୁଲତା ନାୟକଙ୍କର ସେ ବଡ଼ଝିଅ । ଭଦ୍ରକ ଜିଲାର ତିହିଡ଼ି ବ୍ଲକ ଅନ୍ତର୍ଗତ ବାରୋଡ଼ିହ ଗାଁରେ ତାଙ୍କର ଘର । ପିତା **ଅନିରୁଦ୍ଧ କୁହନ୍ତି,** 'ସଙ୍ଗୀତାର ବୌଦ୍ଧିକ ବିକାଶ ହେଉ ନ ଥିବାରୁ ଆମେ ଡାକ୍ତରଙ୍କ ପରାମର୍ଶ ନେଇଥିଲୁ । ସବୁ ପ୍ରକାରର ଚେଷ୍ଟା ପରେ ବି ସଙ୍ଗୀତାଙ୍କର ଅନ୍ୟ ପିଲାମାନଙ୍କ ପରି ବିକାଶ ହୋଇ ପାରିଲା ନାହିଁ । ଶେଷରେ ତା'ପରି ପିଲାମାନଙ୍କୁ ଯେଉଁ ତାଲିମ ଦିଆଯାଏ ସେଠାରେ ତା'ର ତାଲିମ ପାଇଁ ଚିନ୍ତା କଲୁ । ଶେଷରେ ସେଣ୍ଟର ଅଫ୍ ସ୍ପେଶାଲ ଏଜୁକେଶନ ଫର ଚିଲଡ୍ରେନ ୱିଥ୍ ମଲ୍ଟିପଲ୍ ଡିଜାବିଲିଟି ଅଫ୍ ଓପନ ଲର୍ନିଂ ସିଷ୍ଟମ (ଓଏଲ୍‌ଏସ୍)ରେ ତାଲିମ ଆରମ୍ଭ ହେଲା । ଏଠାରେ ସେ ପାଠ ପଢା ସହିତ ସିଲେଇ କରିବା ଓ ଖେଳକୁଦରେ ଭାଗ ନେଲା । ତା'ର ଏହି ଯାତ୍ରା ସମ୍ପର୍କରେ ପ୍ରଶିକ୍ଷୀକା **ଲିଲୁବାଳା ମହାପାତ୍ର** କୁହନ୍ତି, '୧୧ବର୍ଷରୁ ତାଙ୍କୁ ଆମେ ଜାଣିଲୁ । ସଙ୍ଗୀତାଙ୍କ ସିଲେଇ ଶିଖିବା ପ୍ରତି ଅଧିକ ଆଗ୍ରହଥିଲା । ଭୋକେଶନାଲ ଟ୍ରେନିଂରେ ମଧ ଯୋଗ ଦେଇଥିଲେ । ଏହା ସହିତ ସେ ବିଭିନ୍ନ ଖେଳ କୁଦରେ ଭାଗ ନେଇ କୃତିତ୍ୱ ଅର୍ଜନ କରିଛନ୍ତି । ଏଥିସହିତ ହରିଦ୍ୱାରରେ ଅନୁଷ୍ଠିତ ଫ୍ଲୋର ବଲ୍ ନ୍ୟାଶନାଲ ଚାମ୍ପିୟନଶିପରେ ରୌପ୍ୟ ପଦକ ଓ ରୋଲର ସ୍କେଟିଂରେ ତୃତୀୟ ସ୍ଥାନ ଅଧିକାର କରିଛି । ଏହା ସହିତ ବୋଚି, ହ୍ୟାଣ୍ଡବଲ ଖେଳରେ ଭାଗ ନେଇ କୃତିତ୍ୱ ଅର୍ଜନ କରିଛି । ସ୍ପେଶାଲ ଅଲିମ୍ପିକ୍ସ ଭାରତ ତରଫରୁ ବୋଇଂ ଖେଳରେ ତାଲିମ ନେଇଥିଲେ । ଯାହା ଥିଲା ମାତ୍ର ୩ ମାସର । ଏହାପରେ ସେ ଉକ୍ତ ପ୍ରତିଯୋଗିତାରେ ଭାଗ ନେଲେ । ଏହି ସ୍ୱତନ୍ତ୍ର ଅଲିମ୍ପିକ୍ସ ଏସିଆ ପେସିଫିକ୍ ରିଜୋନାଲ ବୋଲିଂ ପ୍ରତିଯୋଗିତା ୨୦୨୪, କ୍ରୀଡା ପ୍ରତିଯୋଗିତାରେ ୧୨ଟି ଦେଶରୁ ପ୍ରତିଯୋଗୀମାନେ ଭାଗ ନେଇଥିଲେ । ଏହାସହିତ ସେ ଓଡ଼ିଶା ମହିଳା ଦଳରେ ଦିଲ୍ଲୀଠାରେ ଖେଳି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଏବଂ ବ୍ୟକ୍ତିଗତ କ୍ରୀଡା ପ୍ରତିଯୋଗିତାରେ ଭାଗ ନେଇ ରୌପ୍ୟ ପଦକ ଓ ବ୍ରୋଞ୍ଜ ପଦକ ହାସଲ କରି ଭାରତକୁ ଗୌରବାନ୍ୱିତ କରିଛନ୍ତି । ଯେଉଁଥିପାଇଁ ଓପନ ଲର୍ନିଂ ସିଷ୍ଟମ ତରଫରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଯେଉଁଥିରେ ଓପନ ଲର୍ନିଂ ସିଷ୍ଟମର ସମ୍ପାଦକ କସ୍ତୁରୀ ମହାପାତ୍ର, ଓପନ ଲର୍ନିଂ ସିଷ୍ଟମ୍ସର ପରାମର୍ଶଦାତା ଏବଂ ଉପ ସଭାପତି ପ୍ରଦୀପ୍ତ କୁମାର ରଥ, ପ୍ରକାଶ ରଥ, ବୋର୍ଡର ସଦସ୍ୟ ସନ୍ତୋଷ ବେହେରା, କ୍ରୀଡ଼ା ନିର୍ଦ୍ଦେଶିକା ସସ୍ମିତା ମହାପାତ୍ର ଏବଂ ସଂଯୋଜିକା ଅର୍ପିତା ମହାପାତ୍ର ଆଦି ଉପସ୍ଥିତ ରହିଥିଲେ ।

**ପ୍ରଭାତ ବରାଳ** – ସ୍ପେଶାଲ ଅଲିମ୍ପିକ୍ସ ୱାର୍ଲ୍ଡ ସମର ଗେମ୍ସର ବ୍ୟାଡ ମିଣ୍ଟନରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି **ପ୍ରଭାତ ବରାଳ** । ଜନ୍ମ ୧୯୯୩ରେ । ମାତା ଟୁନୀପ୍ରଭା ବରାଳ, ପିତା ପ୍ରହଲ୍ଲାଦ ବରାଳ । ଘର ପୁରୀ ଜିଲା ନିମାପଡ଼ା ବ୍ଲକ ଅନ୍ତର୍ଗତ ବେରୁହାଁ ଶାସନରେ । ପ୍ରହଲ୍ଲାଦଙ୍କର ଦୁଇ ପୁଅ ମଧରେ ପ୍ରଭାତ ସାନ । ପ୍ରଭାତ ମାନସିକ ଅନଗ୍ରସର ସହିତ ସେ ଶୁଣି ପାରନ୍ତି ନାହିଁ କି କହି ପାରନ୍ତି ନାହିଁ । ପୁଅର ଏହି ଅବସ୍ଥା ଦେଖି ବାପାମା' ଦୁଃଖରେ ଭାଙ୍ଗି ପଡ଼ିଥିଲେ । ପୁଅର ଆରୋଗ୍ୟ ପାଇଁ ବିଭିନ୍ନ ଚିକିତ୍ସକଙ୍କ ପରାମର୍ଶ ନେଇଥିଲେ । କିନ୍ତୁ ବିଶେଷ କିଛି ଉନ୍ନତି ହେଇ ନ ଥିଲା । ହେଲେ ତାଙ୍କର ଖେଳରେ ରୁଚି ଥିଲା । ସେ ବ୍ୟାଡମିଣ୍ଟନ, ଫୁଟବଲ ଓ କ୍ରିକେଟ ଖେଳିବାକୁ ଭଲ ପାଉଥିଲେ । ତେବେ ସେ ୯ମ ଯାଏ ପଢିଛନ୍ତି । ତେବେ ଆଜି ସେ ଯେଉଁଠି ପହଞ୍ଚିଛନ୍ତି ସେଥିରେ ତାଙ୍କ କୋଚ୍ **ବିବେକାନନ୍ଦ ମହାନ୍ତି** ଙ୍କର ଭୂମିକା ଖୁବ୍ ରହିଛି । ସେ କୁହନ୍ତି, '୨୦୧୧ରେ ନିମାପଡ଼ାସ୍ଥିତ ଓପନ ଲର୍ନିଂ ସିଷ୍ଟମରେ ଗୋଷ୍ଠୀଭିତ୍ତିକ ପୁନର୍ବାସ ଶିକ୍ଷାକେନ୍ଦ୍ରରେ ପ୍ରଭାତ ଯୋଗଦେଇଥିଲେ । ସେହି ସଂସ୍ଥାର ଶିକ୍ଷକମାନେ ତାଙ୍କୁ ପଢାପଢି ସହିତ ବ୍ୟାଡମିଣ୍ଟନ, ଫୁଟବଲ ଓ କ୍ରିକେଟ ଆଦି ବିଭିନ୍ନ ଖେଳକୁଦରେ ତାଲିମ ଦେଉଥିଲେ । ୨୦୧୪ ମସିହାରେ ବାଂଲାଦେଶରେ ହୋଇଥିବା ସ୍ପେଶାଲ ଅଲିମ୍ପିକ୍ସ ଭାରତ ସାଉଥ୍ ଏସିଆ କ୍ରିକେଟ ଚାମ୍ପିୟନଶିପରେ ପ୍ରଭାତ ଅଂଶ ଗ୍ରହଣ କରି ବ୍ରୋଞ୍ଜ ପଦକ ଜିଣିଥିଲେ । ପୁଣି ସ୍ପେଶାଲ ଅଲିମ୍ପିକ୍ସ ପାଇଁ ଜାତୀୟ ବ୍ୟାଡମିଣ୍ଟନ କ୍ୟାମ୍ପରେ ଯୋଗଦେଇଥିଲେ । କେରଳର ତ୍ରିଭେନ୍ଦ୍ରମଠାରେ ହୋଇଥିବା ସ୍ପେଶାଲ ଅଲିମ୍ପିକ୍ସ ପାଇଁ କୋଚିଂ କ୍ୟାମ୍ପରେ ଭାଗନେଇ ବ୍ରୋଞ୍ଜ ପଦକ ହାସଲ କରିଥିଲେ । ସେହିପରି ୨୦୧୮ରେ ସାଉଥ୍ ଏସିଆ କ୍ରିକେଟ୍ ଚାମ୍ପିୟନଶିପ୍‌ରେ ପ୍ରଭାତ ଭାରତ ତରଫରୁ କ୍ୟାପ୍‌ଟେନ ଭାବେ ଅଂଶଗ୍ରହଣ କରି ଭାରତକୁ ବ୍ରୋଞ୍ଜ

→









ବୈଷ୍ଣବଙ୍କ ସହ
କୋଚ ଉମାକାନ୍ତ



ପ୍ରଭାତଙ୍କ ସହ
କୋଚ ବିବେକାନନ୍ଦ



ସଚିନଙ୍କ ସହ
କୋଚ ଝସକେତନ



କୋଚ ଲିଲୁବାଳାଙ୍କ
ସହ ସଙ୍ଗୀତା



ସିପ୍ରାଙ୍କ ସହ
କୋଚ ଗୀତା

ପଦକ ଜିତାଇଥିଲେ। ସେହିପରି ୨୦୧୮ ମସିହାରେ ସ୍ପେଶାଲ ଅଲିମ୍ପିକ ଭାରତର ବ୍ୟାଡମିଣ୍ଟନ ପ୍ରିପ୍ରେୟାରଟୋରୀ କ୍ୟାମ୍ପରେ ଭାଗନେଇଥିଲେ। ତା ପରେ ୨୦୧୯ରେ ସେ ଆବୁଧାବିଠାରେ ଆୟୋଜିତ ସ୍ପେଶାଲ ଅଲିମ୍ପିକ୍ସ ସମର ଗେମ୍‌ରେ ବ୍ୟାଡମିଣ୍ଟନରେ ଡବଲ୍ସରେ ସିଲ୍‌ଭର ମେଡାଲ ଜିତିଥିଲେ।
ଏଥିଯୋଗୁ ରାଜ୍ୟସରକାରଙ୍କ ତରଫରୁ ତାଙ୍କୁ ୧ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ତାଙ୍କ ପ୍ରତିଭାକୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ଓ ସମ୍ବର୍ଦ୍ଧିତ ବି କରାଯାଇଛି। ହେଲେ ତାଙ୍କ ପରିବାରର ଚଳଣି ବିଶେଷ ସ୍ୱଚ୍ଛଳ ନ ଥିବାରୁ ସେ ଏବେ ତାଙ୍କ ବାପାଙ୍କୁ ଚାଷ କାର୍ଯ୍ୟରେ ସହଯୋଗ କରୁଛନ୍ତି ।

**ସିପ୍ରା ପ୍ରିୟଦର୍ଶନୀ ନାଏକ–** କଟକ ଜିଲାର ବଡ଼ମ୍ବା ଥାନା ଅନ୍ତର୍ଗତ ନୂଆ ତଇଲା ଗ୍ରାମର ଅନ୍ତର୍ଯ୍ୟାମୀ ନାଏକ ଓ ବାସନ୍ତିଲତା ନାଏକଙ୍କ ଝିଅ **ସିପ୍ରା ପ୍ରିୟଦର୍ଶନୀ ନାଏକ**। ଅନ୍ତର୍ଯ୍ୟାମୀ ଏବେ ଅବସରପ୍ରାପ୍ତ କର୍ମଚାରୀ। ତାଙ୍କର ୩ ଝିଅ ଓ ଗୋଟିଏ ପୁଅ। ସେମାନଙ୍କ ମଧ୍ୟରେ ସିପ୍ରା ମାନସିକ ଅନଗ୍ରସର। ତାଙ୍କର କହିବାରେ, ଶୁଣିବାରେ ଓ ଚାଲିବାରେ ଅସୁବିଧା ହେଉଥିଲା। ଏଥିଯୋଗୁ ମା'ବାପା ଚିନ୍ତିତ ରହୁଥାନ୍ତି। ହେଲେ ତାଙ୍କର ଦୃଢ଼ ମନୋବଳ ସହିତ ଉପଯୁକ୍ତ ତାଲିମ ପାଇ ଆଜି ସେ ଜଣେ ସଫଳ କ୍ରୀଡ଼ାବିତ୍ ଭାବେ ଜାତୀୟସ୍ତରରେ ଏକାଧିକଥର ପଦକ ହାସଲ କରିଛନ୍ତି। ଜାତୀୟସ୍ତରୀୟ ସ୍ପେଶାଲ ଅଲିମ୍ପିକ ଭାରତ ତରଫରୁ ରୋଲର ସ୍କେଟିଂ ଗାନ୍ଧୀନଗର ଗୁଜରାଟ ଠାରେ ଅନୁଷ୍ଠିତ ହୋଇଥିଲା। ପ୍ରଶିକ୍ଷୀକା **ଗୀତା ପଣ୍ଡା** କୁହନ୍ତି, '୨୦୧୭ ମସିହାରୁ ଓପନ ଲର୍ନିଂ ସିଷ୍ଟମ ଭୁବନେଶ୍ୱରରେ ସିପ୍ରା ପଢି ଆସୁଛନ୍ତି। ତାଙ୍କର କ୍ରୀଡ଼ା ପ୍ରତିଭାକୁ ଚିହ୍ନି ଟ୍ରେନିଂ ଦେଇଥିବାରୁ ଏବେ ସେ ବିଭିନ୍ନ ଖେଳକୁଦରେ ଅଂଶଗ୍ରହଣ କରି ସଫଳତା ପାଉଛନ୍ତି। ବିଶେଷକରି ଥ୍ରୋବଲ, ରୋଲର ସ୍କେଟିଂରେ ସେ ଭଲ ପ୍ରଦର୍ଶନ କରିଥାନ୍ତି। ୨୦୨୩ ମସିହାରେ ଗୁଜୁରାଟ ଗାନ୍ଧୀ ନଗରରରେ ନ୍ୟାଶନାଲ ଚାମ୍ପିୟନଶିପ୍ ରୋଲର୍ସ, ସ୍କେଟିଂ ଅନୁଷ୍ଠିତ ହୋଇଥିଲା। ୩୦୦ ମିଟର ଏବଂ ୧୦୦ ମିଟରରେ ଦ୍ୱିତୀୟ ସ୍ଥାନ ଗ୍ରହଣ କରିଥିଲେ। ୨୦୨୩ ମସିହା ଡିସେମ୍ବର ମାସରେ ସେତେବେଳର କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କଠାରୁ ଅର୍ଥ ପୁରସ୍କାର ପାଇଥିଲେ। ଏହାଛଡ଼ା ୱାର୍ଲଡ ୱିଣ୍ଟର ଗେମ୍ ୨୦୨୫ ମାର୍ଚ୍ଚରେ ଫ୍ଲୋରବଲ୍ ଗେମ୍ ଅନୁଷ୍ଠିତ ହେବାକୁ ଯାଉଛି। ସିପ୍ରା ଭାରତ ପାଇଁ ଗୋଲ୍ କିପର୍ ଭାବରେ ଅଂଶ ଗ୍ରହଣ କରିବାକୁ ଯିବେ। ପୂର୍ବରୁ ସିପ୍ରା ଗୁଜରାଟ, ହରିୟାଣା, ହିମାଚଳ ପ୍ରଦେଶ, ଗ୍ୱାଲିୟରରେ ଆୟୋଜିତ ସ୍ପେଶାଲ କ୍ରୀଡ଼ା ପ୍ରତିଯୋଗିତାରେ ସେ ଭାଗନେଇଛନ୍ତି।

**ସଚିନ ବାରିକ**– ଜଣେ ସୁସ୍ଥ ସବଳ ମଣିଷ ଯେ ସବୁକ୍ଷେତ୍ରରେ ସଫଳତା ହାସଲ କରିପାରିବ ତାହା ନୁହେଁ। ଜନ୍ମରୁ ମାନସିକ ଅନଗ୍ରସର ହେଲେ ବି ନିଜର ସାଧନା ବଳରେ ସେ ଅନେକ କ୍ଷେତ୍ରରେ ସଫଳତା ଅର୍ଜନ କରିପାରେ। ସେମିତି ଜଣେ ସଫଳ କ୍ରୀଡ଼ାବିତ୍ ହେଲ **ସଚିନ ବାରିକ**। ଜନ୍ମ ୧୭।୬।୧୯୯୯ରେ। ମାତା ରୀତା ବାରିକ,ପିତା ଅଶୋକ ବାରିକ। ଘର ବରଗଡ଼ ଜିଲାର ବରପାଲି ବ୍ଲକ ଅନ୍ତର୍ଗତ କୁଶନଗରରେ। ସଚିନଙ୍କ ପିତା ଅଶୋକ କୁହନ୍ତି,' ପିଲାଟିଦିନରୁ ଯେତେବେଳେ ଜାଣିଲୁ ସଚିନ ମାନସିକ ଅନଗ୍ରସର ଆମକୁ ଚାରିଆଡ଼ ଅନ୍ଧାର ଦେଖାଗଲା। ବିଭିନ୍ନ ଚିକିତ୍ସକଙ୍କ ପରାମର୍ଶ ନେଲୁ। ଅନ୍ୟ ସାଧାରଣ ପିଲାଙ୍କ ପରି ତା'ର ବିଶେଷକିଛି ବିକାଶ ଘଟିଲା ନାହିଁ। ଏଥିଯୋଗୁ ଆମେ ବହୁ ଚିନ୍ତାରେ ପଡ଼ିଲୁ। ସମୟକ୍ରମେ ତାକୁ ବରପାଲିଠାରେ ଥିବା ସରସ୍ୱତୀ ଭିନ୍ନକ୍ଷମ ତାଲିମ କେନ୍ଦ୍ରରେ ନାମ ଲେଖାଇଲୁ। ସେଠାରେ ସେ ରହି କ୍ରୀଡ଼ା ପାଇଁ ତାଲିମ ନେଲା। ପରେ ସେ କୋଚ୍ ଝସକେତନ ସାହୁଙ୍କ ଠାରୁ ତାଲିମ ନେଲା। ଯେକି ତାକୁ ଉଚିତ ଦିଗ୍‌ଦର୍ଶନ ଦେଲେ। ପ୍ରଶିକ୍ଷକ **ଝସକେତନ ସାହୁ** କୁହନ୍ତି, 'ସଚିନଙ୍କ ପ୍ରତିଭା ଜାଣିଲା ପରେ ତା'ର ବିକାଶ ନିମନ୍ତେ ତାକୁ ଟ୍ରେନିଂ ଦେଲୁ।ଧୀରେ ଧୀରେ ତା'ର ଖେଳରେ ଦକ୍ଷତା ବଢ଼ିଲା। ୨୦୧୬ରେ ଭୁବନେଶ୍ୱରଠାରେ ଆୟୋଜିତ ସଫ୍ଟବଲ ଓ ରାଜସ୍ଥାନରେ ଆୟୋଜିତ ଦୌଡ଼ ପ୍ରତିଯୋଗିତାରେ ଅଂଶଗ୍ରହଣକରି ସ୍ୱର୍ଣ୍ଣ ପଦକ ଲାଭ କଲା। ଏହାପରେ ୨୦୧୭ରେ ଚେନ୍ନାଇଠାରେ ଆୟୋଜିତ ଫୁଟବଲ ଓ ପଞ୍ଜାବରେ ଆୟୋଜିତ ଫ୍ଲୋର ହକିରେ ଭଲ ପ୍ରଦର୍ଶନ କରି ସ୍ୱର୍ଣ୍ଣପଦକ ହାସଲ କଲେ। ପୁଣି ୨୦୧୮ରେ ଆଗ୍ରାଠାରେ ହ୍ୟାଣ୍ଡବଲ ଓ ଗୁଜରାଟରେ ବ୍ୟାଡମିଣ୍ଟନ ଖେଳି ସ୍ୱର୍ଣ୍ଣପଦକ ଜିତିଲେ। ୨୦୨୨ରେ ସେ ବିଶ୍ୱ କ୍ରୀଡ଼ା ପାଇଁ ଗୁଜରାଟ ଓ ଝାଡ଼ଖଣ୍ଡର କ୍ରୀଡ଼ା ଶିବିରରେ ଯୋଗଦେଲେ। ଏହାବାଦ ୨୦୨୩ରେ ଜର୍ମାନୀର ବର୍ଲିନଠାରେ ଆୟୋଜିତ ସ୍ୱତନ୍ତ୍ର ଅଲିମ୍ପିକ୍ସ – ୱାର୍ଲ୍ଡ ଗେମ୍ସରେ ଯୋଗ ଦେଇ ସଫଳତା ଲାଭ କଲେ। ସଚିନ ନ୍ୟାଶନାଲ ଶର୍ଟବଲ, ରନିଂ, ଫୁଟବଲ, ହ୍ୟାଣ୍ଡବଲ, ଫ୍ଲୋରବଲ ଆଦି କ୍ରୀଡ଼ାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବାରୁ ତାଙ୍କ ପ୍ରତିଭାକୁ ବିଭିନ୍ନ ଅନୁଷ୍ଠାନ ତରଫରୁ ପୁରସ୍କାର ପ୍ରଦାନ କରାଯାଇଛି।

ତେବେ ଏମାନଙ୍କ ବ୍ୟତୀତ ଆହୁରି ଅନେକ ଦିବ୍ୟାଙ୍ଗ, ଅନଗ୍ରସର ବ୍ୟକ୍ତି ଅଛନ୍ତି ଯେଉଁମାନେ ପ୍ରମାଣ କରିଛନ୍ତି ଦୃଢ ମନୋବଳ ଥିଲେ ସଫଳତା ପାଇବାରେ କେହି ବି ବାଧା ଦେଇପାରିବେ ନାହିଁ।

–ବନବିହାରୀ ବେହେରା



# ଫ୍ଲୋରାଲ୍ ଜ୍ୟାକେଟ୍



**ଫ୍ଲୋରାଲ୍ ଜ୍ୟାକେଟ୍ ଏମିତି ଏକ ଆଉଟ୍‌ଫିଟ୍; ଯାହା ଶୀତଦିନେ ଆକର୍ଷଣୀୟ ଲୁକ୍ ଦେବା ସହିତ ଶୀତ ଦାଉରୁ ମଧ୍ୟ ସୁରକ୍ଷା ଦେଇଥାଏ। ସେଥିପାଇଁ ଏହାର ଚାହିଦା ଖୁବ୍ ରହିଥାଏ...**

**ଫ୍ଲୋ**ରାଲ୍ ଜ୍ୟାକେଟ୍ ଏମିତି ଏକ ଆଉଟ୍‌ଫିଟ୍ ; ଯାହା ସବୁ ପ୍ରକାରର ଲୁକ୍ସକୁ ଖୁବ୍ ସୁନ୍ଦର ମାନିଥାଏ । ତେଣିକି ସେ ପାର୍ଟି ଲୁକ୍ ହେଉ ଅଥବା ଅଫିସ୍ ଲୁକ୍ । ସେଥିପାଇଁ ଫ୍ଲୋରାଲ୍ ଜ୍ୟାକେଟ୍‌କୁ ଭର୍ସାଟାଇଲ୍ ପିସ୍ ବୋଲି ବି କୁହାଯାଏ ; ଯାହା ଯୁବତୀଙ୍କୁ ରିଫ୍ରେଶିଂ ଲୁକ୍ ଦେଇଥାଏ । ତେବେ ପରଫେକ୍ଟ ଲୁକ୍ ପାଇଁ ଏହି ଫ୍ଲୋରାଲ୍ ଜ୍ୟାକେଟ୍‌କୁ ସଠିକ୍ ଭାବେ ଷ୍ଟାଇଲ୍ କରିବା ବି ନିହାତି ଜରୁରୀ ; ଜାଣନ୍ତୁ ସେ ନେଇ କିଛି ଟିପ୍ସ...

**⁕ ବାକି ଆଉଟ୍‌ଫିଟ୍‌କୁ ସିମ୍ପଲ ରଖିବେ:** ଯେହେତୁ ଫ୍ଲୋରାଲ୍ ଜ୍ୟାକେଟ୍ ଲୁକ୍ସକୁ ଇନ୍‌ଷ୍ଟାଣ୍ଟ ଚେଞ୍ଜ୍ କରିଥାଏ ; ତେଣୁ ଏ କ୍ଷେତ୍ରରେ ବାକି ଆଉଟ୍‌ଫିଟ୍‌କୁ ବାଲାନ୍ସ କରି ପିନ୍ଧିବା ନିହାତି ଜରୁରୀ ହୋଇଥାଏ । ଉଦାହରଣ ସ୍ୱରୂପ, ପ୍ଲେନ୍ ହ୍ୱାଇଟ୍ ଅଥବା ବ୍ଲାକ୍ ଟପ୍ସ କିମ୍ବା ଶାର୍ଟ ସାଙ୍ଗକୁ ଫିଟେଡ୍ ଟ୍ରାଉଜର୍ କିମ୍ବା ସିମ୍ପଲ୍ ପେନ୍‌ସିଲ୍ ସ୍କର୍ଟକୁ ପେୟାର୍ କରି ତା'ସାଙ୍ଗରେ ଫ୍ଲୋରାଲ୍ ଜ୍ୟାକେଟ୍ ପିନ୍ଧିଲେ ଲୁକ୍ ବେଶ୍ ଆକର୍ଷଣୀୟ ଲାଗିଥାଏ । ଧ୍ୟାନଦେବେ ଫ୍ଲୋରାଲ୍ ଜ୍ୟାକେଟ୍ ଟ୍ରାଏ କଲାବେଳେ ଦେଖିବେ ଆପଣଙ୍କ ବେସ୍ ଆଉଟ୍‌ଫିଟ୍ ଯେମିତି ହ୍ୱାଇଟ୍, ବେଜ୍ ଅଥବା ଗ୍ରେ ଭଳି ନ୍ୟୁଟ୍ରାଲ୍ କଲର୍‌ର ହୋଇଥିବ ।

**⁕ ଜିନ୍ସ ସହିତ ପେୟାର୍:** ଯୁବତୀ ଚାହିଁଲେ ଜିନ୍ସ ସାଙ୍ଗରେ ଫ୍ଲୋରାଲ୍ ଜ୍ୟାକେଟ୍‌କୁ ମଧ୍ୟ ଟ୍ରାଏ କରିପାରିବେ ; ଏହା ସେମାନଙ୍କୁ କାଜୁଆଲ୍ ତଥା ରିଲାକ୍ସଡ୍ ଲୁକ୍ ଦେଇଥାଏ । ଡେନିମ୍ ଜିନ୍ସ ସାଙ୍ଗକୁ ଫ୍ଲୋରାଲ୍ ଜ୍ୟାକେଟ୍ ପିନ୍ଧିଲେ ଷ୍ଟନିଂ ଲୁକ୍ ମିଳେ । ଖାସ୍‌କରି ସ୍କିନ୍ ଫିଟିଙ୍ଗ୍ ଜିନ୍ସ ଅଥବା ଷ୍ଟ୍ରେଟ୍ ଲେଗ୍ ଜିନ୍ସ ସାଙ୍ଗକୁ ଏହି ଜ୍ୟାକେଟ୍ ଖୁବ୍ ସୁନ୍ଦର ମାନିଥାଏ । ଏହାକୁ ସିମ୍ପଲ୍ ଟପ୍ସ ଅଥବା ଫିଟେଡ୍ ଟି-ଶାର୍ଟ ସହ ମଧ୍ୟ ପିନ୍ଧାଯାଇପାରେ ।

**⁕ଫିଟିଂକୁ ଧ୍ୟାନ ଦେବେ :** ଫ୍ଲୋରାଲ୍ ଜ୍ୟାକେଟ୍ ଟ୍ରାଏ କଲାବେଳେ ଏହାର ଫିଟିଂକୁ ଧ୍ୟାନ ଦେବା ନିହାତି ଜରୁରୀ । ଢିଲାଢାଲା ଜ୍ୟାକେଟ୍ ନ ପିନ୍ଧି ଶରୀରକୁ ଭଲ ଫିଟିଂ ହେଲା ଭଳିଆ ଜ୍ୟାକେଟ୍ ପିନ୍ଧିଲେ ଆଉଟ୍‌ଷ୍ଟାଣ୍ଡିଂ ଲୁକ୍ ମିଳିଥାଏ ।

**⁕ ସଠିକ୍ ଆସେସରିଜ୍ ବାଛିବେ:** ଫ୍ଲୋରାଲ୍ ଜ୍ୟାକେଟ୍ ସାଙ୍ଗକୁ ଯେତେ କମ୍ ଆଉ ସିମ୍ପଲ ଆସେସରିଜ୍ ଟ୍ରାଏ କରିବେ ସେତେ ଭଲ । ଏହି ଆଉଟ୍‌ଫିଟ୍‌ରେ ଲୁକ୍‌କୁ କମ୍ପ୍ଲିଟ୍ କରିବା ପାଇଁ ଯୁବତୀ ଚାହିଁଲେ ଷ୍ଟଡ୍ ଇୟର ରିଂ ସାଙ୍ଗକୁ ସିମ୍ପଲ୍ ପେଣ୍ଡେଣ୍ଟ ଏବଂ ହାତରେ କ୍ଲାସିକ୍ ୱାଚ୍ ମଧ୍ୟ ପିନ୍ଧିପାରିବେ ।

**କିଛି ଜାଣିବା କଥା**

– କେବଳ ଜିନ୍ସ ଟପ୍ସ କାହିଁକି ଯୁବତୀ ଚାହିଁଲେ ମ୍ୟାକ୍ସି ଡ୍ରେସ୍, ଟ୍ରାଉଜର୍ ଟପ୍ସ, ପ୍ଲାଜୋ ଟପ୍ସ ସହିତ ବି ଫ୍ଲୋରାଲ୍ ଜ୍ୟାକେଟ୍‌କୁ ଆରାମରେ କ୍ୟାରି କରିପାରିବେ । ଯାହାବି ପିନ୍ଧନ୍ତୁ ନା କାହିଁକି ସବୁବେଳେ ଧ୍ୟାନ ଦେବେ ଆଉଟ୍‌ଫିଟ୍‌ର କଲର୍ ଯେମିତି ଫ୍ଲୋରାଲ୍ ଜ୍ୟାକେଟ୍ ତୁଳନାରେ ହେଭି ଦେଖା ଯାଉ ନଥିବ । ଏହା ଯେତେ ସିମ୍ପଲ ରହିବ ସେତେ ଭଲ ।

– ବ୍ଲାକ୍ ସ୍ୱିକେନ୍ ଡ୍ରେସ୍ ହେଉ ଅଥବା ଟପ୍ସ ସାଙ୍ଗକୁ ମଧ୍ୟ ଫ୍ଲୋରାଲ୍ ଜ୍ୟାକେଟ୍ ଟ୍ରାଏ କରିପାରିବେ । ଏହା ପାର୍ଟି ଲୁକ୍ ପାଇଁ ପରଫେକ୍ଟ ହୋଇଥାଏ ।



# ସେବା ମମତାର ପ୍ରତିମୂର୍ତ୍ତି ଚିନ୍ମୟୀ



**ସେ** ପରିବେଶ ସୁରକ୍ଷା ପାଇଁ କାମ କରନ୍ତି। ପୁଣି ଗରିବ ପିଲାଙ୍କୁ ମାଗଣାରେ ଶିକ୍ଷାଦାନ କରନ୍ତି। ଅସହାୟ, ଅବହେଳିତ ରୋଗୀ, ଆହତ ପ୍ରାଣୀଙ୍କ ସେବା କରିବା ସହ ନାଳ ନର୍ଦ୍ଦମା ବି ସଫା କରନ୍ତି। ଏକମାତ୍ର ତୃତୀୟ ଲିଙ୍ଗୀ ହିସାବରେ ୫୦୦ରୁ ଊର୍ଦ୍ଧ୍ୱ ଶବଦାହ କରିଛନ୍ତି। ଯେଉଁଥିପାଇଁ ସେ ଇଣ୍ଡିଆ ବୁକ ଅଫ୍ ରେକର୍ଡସ୍ ଓ ଲଣ୍ଡନ ବୁକ୍ ଅଫ୍ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି। ସେ ହେଲେ **ଚିନ୍ମୟୀ ଦାସ**। ୧୯୮୨ମସିହାରେ ଜନ୍ମ ଗ୍ରହଣ କରନ୍ତି ଚିନ୍ମୟୀ ଦାସ ଓରଫ ଗଗନବିହାରୀ ଦାସ । ଘର ଜଗତ୍‌ସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ପୋଷଲ ଗ୍ରାମରେ। ବାପା ଧୂଳମଣି ଦାସ ଓ ମାଆ ରେଣୁବାଳା ଦାସ। ମୂଲ ମଜୁରୀ କରି ବାପା ପରିବାର ଚଳାନ୍ତି। ଗଗନ ପୁରୁଷ ହୋଇ ଜନ୍ମ ହୋଇଥିଲେ ସୁଦ୍ଧା ପରବର୍ତ୍ତୀ ସମୟରେ ତାଙ୍କ ଭିତରେ ନାରୀସୁଲଭ ଗୁଣ ଦେଖାଯାଇଥିଲା। ଯେଉଁଥିପାଇଁ ତାଙ୍କୁ ସାଙ୍ଗସାଥୀ ଓ ସାଇ ପଡ଼ିଶାରୁ ବହୁତ କଥା ଶୁଣିବାକୁ ପଡୁଥିଲା। ସେଇଥିରେ ସେ ପ୍ରାଥମିକ ଶିକ୍ଷା ସମାପ୍ତ କଲେ ନିଜ ମାମୁ ଘର ଇରିକୁଣ୍ଡଳ ଗାଁରେ । ପରେ ଜବାହର ସ୍ମୃତି ବିଦ୍ୟାପୀଠ ବୋଧେଇ ହାଇସ୍କୁଲରେ ନାଁ ଲେଖେଇଲେ। ଏଇଠି ସେ ବୁଝିପାରିଲେ କିନ୍ନର ମାନେ କ'ଣ। ୧୯୯୯ରେ ମହାବାତ୍ୟା ବର୍ଷ ମାଟ୍ରିକ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଆସି ଘରେ ବସିଲେ। ଗରିବ ବାପାଙ୍କର ସାଧ୍ୟ କାହିଁ ଯେ କଲେଜରେ ପଢ଼ିବେ ? ପିଲାଦିନରୁ ଅନ୍ୟମାନଙ୍କୁ ସାହାଯ୍ୟ କରିବା ପ୍ରବୃତ୍ତି ସୃଷ୍ଟି ହୋଇଥିଲା । ତେଣୁ ଗାଁର ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ଏକାଠି କରି ମାଗଣାରେ ଟ୍ୟୁସନ୍ କଲେ । ଘର ଚଳାଇବା କଷ୍ଟକର ହୋଇପଡ଼ିଲା । ସେ କିଛି ରୋଜଗାର ଉଦ୍ଦେଶ୍ୟରେ ବାହାରିଲେ ଭୁବନେଶ୍ୱର। ଏକ ଘରୋଇ ହୋଟେଲରେ ଫେସନ୍ ଶୋ' ହେଉଥାଏ। ସେଥିରେ ତୃତୀୟ ଲିଙ୍ଗୀ ମାନଙ୍କୁ ମଧ ନିଆଯାଉଥିଲା। ଅନ୍ୟ ସାଙ୍ଗମାନଙ୍କ ସହ ସେ ମଧ୍ୟ ଭାଗ ନେଲେ। ସେଇଠି ତାଙ୍କର ନାମ ପରିବର୍ତ୍ତନ ହେଲା, ଗଗନବିହାରୀ ଦାସରୁ ଚିନ୍ମୟୀ ଦାସ। ପରେ ସେ ରୋଜଗାର ପାଇଁ ଗୋଟିଏ ମାର୍କେଟିଙ୍ଗ ସଂସ୍ଥାରେ ଯୋଗଦେଲେ, ଯେଉଁଠି ତାଙ୍କୁ କେବଳ ଖାଇବା, ପିଇବା ପିନ୍ଧିବା ଦେବା ବ୍ୟତୀତ ଦରମା ଦିଆଗଲା ନାହିଁ । ଓଲଟା ଖରାପ ବ୍ୟବହାର କରାଗଲା। ପରେ ସେଠାରୁ ସେ ଲୁଚି ପଳାଇଆସିଲେ ଅନୁଗୋଳ। ଏଇଠୁ ଆରମ୍ଭ ହେଲା ଜୀବନ ସଂଗ୍ରାମର ଦ୍ୱିତୀୟ ପର୍ଯ୍ୟାୟ। ଅନୁଗୋଳର ଏକ ହୋଟେଲରେ କାମ କଲେ। ହେଲେ କିଛିଦିନ ପରେ ହୋଟେଲ୍ ମାଲିକ ବାହାର କରିଦେଲେ। ପରେ ଟ୍ରେକରରେ ହେଲ୍ପର୍ ହେଲେ। ଗାଡ଼ି ଶିଖିବା କାମ ନୋହିଲା, ତା'ପରେ ଆରମ୍ଭ କଲେ ଯାନିଯାତ୍ରା, ବାହାଘର ଶୋଭାଯାତ୍ରାରେ ଝିଅ ସାଜି ନୃତ୍ୟ କଲେ। ତାପରେ ଅନେକ ସେବା କାର୍ଯ୍ୟ କରି ଚାଲିଲେ। ତେବେ ସେ ବେଶି ଲୋକଲୋଚନକୁ ଆସିଲେ କରୋନା ମହାମାରୀ ସମୟରେ। ଦେବଦୂତ ଭଳି ନିର୍ଭୟରେ କାର୍ଯ୍ୟ କରି କରୋନା ପ୍ରପୀଡ଼ିତମାନଙ୍କର ସେବା କଲେ। ନିଜ ପରିବାର, ବନ୍ଧୁବାନ୍ଧବ କରୋନାଗ୍ରସ୍ତ ରୋଗୀର ଶବ ଦାହ କରିବାକୁ ପଛାଉଥିବା ବେଳେ, ସେ ସେହି ସମୟରେ ୪୧ଟି କରୋନା ଶବ ଦାହ କରି ସମସ୍ତଙ୍କୁ ଚକିତ କରିଦେଲେ। ଏହା ବ୍ୟତୀତ କୁଷ୍ଠ ରୋଗୀ ଓ ମାଛିଆପାତକ ରୋଗୀ, ଏଡ୍‌ସ ରୋଗୀ ମାନଙ୍କୁ ଘୃଣା ନ କରି ମାଆ ଭଳି ସେବାକରିବା। ଏମିତିକି ଏଭଳି ରୋଗୀଙ୍କ ଚିକିତ୍ସା ଖର୍ଚ୍ଚ ତୁଲାଇବା ପାଇଁ ଭିକ ମାଗିଛନ୍ତି। ଏହାବାଦ ଗ୍ରାମରୁ ଅଳିଆ ଆବର୍ଜନା ସଫା, ଭିକ୍ଷାବୃତ୍ତିଧାରୀ ଲୋକଙ୍କ ଟୀକାକରଣ, ଜଙ୍ଗଲ ପୋଡ଼ିକୁ ରୋକିବାକୁ ଜନସାଧାରଣଙ୍କୁ ସଚେତନ କରିବା, ଖରାଦିନେ ପକ୍ଷୀମାନଙ୍କୁ ଆହାର ଓ ଜଳ ପ୍ରଦାନ କରିବା, ଘରପୋଡ଼ିରେ ସର୍ବସ୍ୱ ହରାଇଥିବା ଲୋକଙ୍କ ସାହାଯ୍ୟ କରିଛନ୍ତି। ପରେ ସେ ନିଜକୁ ପ୍ରସ୍ତୁତ କଲେ ଡ୍ୟାନ୍ସ ଓ ଫେସନ୍ ସୋ'ରୁ ହେଉଥିବା ଆୟକୁ ନେଇ କିଛି ଗୋଟେ ଜନମଙ୍ଗଳ କାମ କରିବେ। ତେଣୁ ସେ ପ୍ରଥମେ ଜରପଡ଼ାରେ ଦୋକାନ ଭଡା ସୂତ୍ରରେ ଆଣି ଝିଅମାନଙ୍କ ପ୍ରସାଧନ ସାମଗ୍ରୀର ଏକ ଦୋକାନ ଦେଲେ। ଦୋକାନ ଭଲ ଚାଲିଲା। କିଛି ସ୍ୱେଚ୍ଛାସେବକଙ୍କୁ ନେଇ ଗଢ଼ିଲେ 'ମାନବ ସେବା' ଚାରିଟେବୁଲ ଟ୍ରଷ୍ଟ । ଟ୍ରଷ୍ଟର ସଦସ୍ୟମାନଙ୍କୁ ନେଇ ଦୁର୍ଘଟଣାରୁ ଗାଈ ବଳଦକୁ ରକ୍ଷା କରିବା ଲାଗି ତାଙ୍କ ଦେହରେ ରେଡ଼ିୟମ୍ ବାନ୍ଧିବା, ବସ୍ତି ପିଲାଙ୍କୁ ମାଗଣା ଭୋଜନ ସହିତ ଶିକ୍ଷାଦାନ ବ୍ୟବସ୍ଥାରେ ସହାୟତା କରିବା, କରୋନା ସମୟରେ ପ୍ଲାଜମା ଦାନ, ଦିବ୍ୟାଙ୍ଗଙ୍କୁ ସାହାଯ୍ୟ ଆଦି ବିଭିନ୍ନ ସେବା କାର୍ଯ୍ୟରେ ଆଗେଇ ଚାଲିଲେ। କୋଉଠି କିଏ ଗରିବ ଲୋକ ରୋଗ ବେମାରରେ ପଡ଼ିଲେ ତାକୁ ପ୍ରାଥମିକ ଚିକିତ୍ସା କରି ଡାକ୍ତରଖାନାରେ ପହଞ୍ଚାଇବା, ଗାଡ଼ି ମୋଟରର ଦୁର୍ଘଟଣାରେ ପଡ଼ିଥିବା ଲୋକଙ୍କୁ ଆମ୍ବୁଲାନ୍ସ ଡାକି ତୁରନ୍ତ ଚିକିତ୍ସାର ବନ୍ଦୋବସ୍ତ କରିବା, ଅସହାୟ କୁଷ୍ଠରୋଗୀଙ୍କର ସେବା ଶୁଶ୍ରୂଷା କରିବା ଆଦି କାମରେ ଲାଗିପଡ଼ିଲେ। ଧୀରେ ଧୀରେ ତାଙ୍କର ସୁଖ୍ୟାତି ବଢ଼ିଚାଲିଲା। କ୍ରମେ ସେ ସ୍ୱାସ୍ଥ୍ୟ ବିଭାଗରେ, ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ନଜରକୁ ଆସିଲେ। ସେମାନଙ୍କ ନିକଟରୁ ଉତ୍ସାହ ଓ ପ୍ରେରଣା ପାଇ ସେ ଏଥର ଆହୁରି ଅଧିକ ଉତ୍ସାହରେ ସେବା କାର୍ଯ୍ୟରେ ଲାଗିପଡ଼ିଲେ। କେବଳ ସେତିକି ନୁହେଁ, ପୁରୁଷ ଭଳି କୋଉଠି ରାସ୍ତା ଅତି କଦର୍ଯ୍ୟ ହୋଇ ଗମନାଗମନରେ ବାଧା ହେଉଛି, ସେଠାରେ ଗ୍ରାମବାସୀଙ୍କୁ ଏକଜୁଟ କରି ରାସ୍ତା ମରାମତି କରିବା, ବିଭିନ୍ନ ଗ୍ରାମରେ ନାରୀମାନଙ୍କୁ ଏକତ୍ରିତ କରି ମଦବିରୋଧୀ ଆନ୍ଦୋଳନର ନେତୃତ୍ୱ ନେବା, ନାରୀ ଅତ୍ୟାଚାରକୁ ଦୃଢ଼ ହସ୍ତରେ ଦମନ କରିବା ପାଇଁ ଆନ୍ଦୋଳନ କରିବା, ଅନୁଗୋଳ ଡାକ୍ତରଖାନାରେ କିନ୍ନରଙ୍କ ପାଇଁ ଗୋଟିଏ ସ୍ୱତନ୍ତ୍ର ୱାର୍ଡ୍ ଓ ଦୁଇଟି ବେଡ୍ ପାଇଁ ସରକାରୀ ମଞ୍ଜୁରୀ କରାଇବା କାମ ମଧ୍ୟ ତାଙ୍କ ସେବା ତାଲିକାରେ ଯୋଡ଼ି ହୋଇଛି। ଏବେ ତାଙ୍କ ପାଖରେ ପନ୍ଦର ଜଣ ଛୋଟ ଶିଶୁ ଓ ବୃଦ୍ଧ ରହୁଛନ୍ତି। ଏବେ ସୁଦ୍ଧା ସେ ୫୦୦ରୁ ଊର୍ଦ୍ଧ୍ୱ ଶବଦାହ, ୨୦ଥରରୁ ଊର୍ଦ୍ଧ୍ୱ ରକ୍ତ ଦାନ କରିବା ସହ ୧୫୦୦ କୁଷ୍ଠରୋଗୀଙ୍କ ସେବା କରି ସାରିଛନ୍ତି। ସେ ମଧ ଶତାଧିକ ରାସ୍ତାରେ ଦୁର୍ଘଟଣା ଗ୍ରସ୍ତ ଲୋକଙ୍କୁ ଆଣି ସୁବର୍ଣ୍ଣ ମୁହୂର୍ତ୍ତରେ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି । ଏବେ ସେ ଅନୁଗୋଳ ଜିଲ୍ଲା ଚିକିତ୍ସାଳୟରେ ପ୍ରତ୍ୟେକ ଦିନ ଗରିବ ଲୋକଙ୍କ ସେବାରେ ନିୟୋଜିତ ଅଛନ୍ତି । ଚିନ୍ମୟୀ କୁହନ୍ତି,'ଯଦି ହାରିଯିବା ପରେ ମଧ ଏକ ବ୍ୟକ୍ତି ହସୁଥାଏ, ତେବେ ବିଜେତା ମଧ ବିଜୟର ଆନନ୍ଦ ହରାଇଥାଏ। ଏହା ହେଉଛି ହସିବାର ଶକ୍ତି। ଯଦି ତୁମେ ତୁମର ଜୀବନକୁ ଭଲ ପାଅ, ସମୟ ନଷ୍ଟ କର ନାହିଁ। କାରଣ ଏହା ହିଁ ସମୟ ପ୍ରକୃତ ଜୀବନ ସୃଷ୍ଟି କରେ। ଦୁଃଖର ସହ ଉଠ ନାହିଁ ଯେ, ତୁମେ ଗତକାଲି କ'ଣ କରିପାରିଲେ ନାହିଁ । ବରଂ ଚିନ୍ତା କର ଆଜି କ'ଣ କରିପାରିବ। ସମାଜ ସେବା ପାଇଁ ସେ ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପୂର୍ବତନ ରାଜ୍ୟପାଳ ଶ୍ରୀ ଗଣେଶୀ ଲାଲ ଓ ବର୍ତ୍ତମାନର ରାଜ୍ୟପାଳ ରଘୁବର ଦାସଙ୍କ ଠାରୁ ସମ୍ବର୍ଦ୍ଧିତ ହେବା ସହ ଇଣ୍ଡିଆ ବୁକ ଅଫ ରେକର୍ଡସ ଓ ଲଣ୍ଡନ ବୁକ୍ ଅଫ୍ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି। ଏତ୍‌ବ୍ୟତିତ ଅନେକ ମର୍ଯ୍ୟାଦା ଜନକ ପୁରସ୍କାର ମଧ ପାଇଛନ୍ତି।
















# ନ ଥିବା ପରେ ବି

– ପ୍ରଶାନ୍ତ କୁମାର ଦାଶ

ତୁମେ ଥାଅ ମୋ ସହ, ମୁଁ ଥିବା ପର୍ଯ୍ୟନ୍ତ
ଯେମିତି ଦିନ ସହ ସୂର୍ଯ୍ୟ, ରାତି ସହ ନକ୍ଷତ୍ର
ଦେହ ସହ ପବନ, ଦୁଃଖ ସହ ଜୀବନ,
ଯେମିତି ମାଟି ସହ ଗଛ, ଆଖି ସହ ଦୃଶ୍ୟ
ଭାବ ସହ ଆବେଗ, ଫୁଲ ସହ ପରାଗ,
ତୁମେ ଥାଅ, ମୁଁ ଥିବା ପର୍ଯ୍ୟନ୍ତ
ଓ ମୁଁ ନ ଥିବା ପରେ ବି ।

ତୁମେ ଥାଅ ମୋ ସହ, ତୁମେ ଥିବା ପର୍ଯ୍ୟନ୍ତ
ଯେମିତି କବି ସହ କବିତ୍ୱ, ଦେବୀ ସହ ଦେବତ୍ୱ
ଅକ୍ଷର ସହ ଶବ୍ଦ, ପଥ ସହ ପାଦ,
ସମୁଦ୍ର ସହ ଊର୍ମି, ଝଡ଼ ସହ ଘୂର୍ଣ୍ଣି
କର୍ମ ସହ ଫଳ, ଗୀତ ସହ ସ୍ୱର,
ତୁମେ ଥାଅ ମୋ ସହ, ତୁମେ ଥିବା ପର୍ଯ୍ୟନ୍ତ
ଓ ତୁମେ ନ ଥିବା ପରେ ବି ।

ଆମେ ଥାଉ ଆମ ସହ, ଆମେ ଥିବା ପର୍ଯ୍ୟନ୍ତ
ଓ ଆମେ ନ ଥିବା ପରେ ବି ।

– ରେଗଡା, ଏମ.ରାମପୁର, କଳାହାଣ୍ଡି
ମୋ: ୭୭୩୫୪୧୯୫୭୩

# ଧନୀ ଲୋକ

–ସୁଷମା ପରିଜା

କଚେରୀରେ କାମସାରି ସେଦିନ ସନ୍ଧ୍ୟାରେ ଗାଆଁକୁ ଯିବାକୁ ଓଏମ୍‌ପି ଛକ ବସଷ୍ଟାଣ୍ଡରୁ ବସ୍ ଧରିଲି। ବାଲେଶ୍ୱର ଯିବା ପାଇଁ ସେଇଟି ବୋଧହୁଏ ଶେଷ ବସ୍ ଥିଲା । ବସ୍‌ରେ ପ୍ରବଳ ଭିଡ଼ । ସବୁ ସିଟ୍‌ରେ ଲୋକ ବସି ସାରିଥିଲେ ଏବଂ ଆହୁରି କିଛି ଲୋକ ଠିଆହୋଇ ରହିଥିଲେ । କଣ୍ଡକ୍ଟର୍ ପଚାରିଲା କୋଉ ଯାଏଁ ଯିବେ ? ମୁଁ 'ସହଦେବ ଖୁଣ୍ଟା' ଉତ୍ତର ଦେଲା ଭିତରେ ଆହୁରି କିଛି ଲୋକ ଉଠିସାରିଥିଲେ ବସ୍‌ରେ। ବସିବାର କୌଣସି ଆଶା ଦେଖି ପାରୁନଥିଲେ ବି ଯିବାକୁ ବାଧ ହେଲି କାରଣ ଯେମିତି ହେଉ ପଛେ ଆଜି ହିଁ ମୋତେ ଘରକୁ ଫେରିବାର ଥିଲା। ବିକଳ ହୋଇ ଏପଟ ସେପଟକୁ ଆଖି ବୁଲାଇ ଦେଖୁଥାଏ ମୁଁ, କାଳେ ସିଟ୍‌ରେ ବସିଥିବା ମଣିଷଙ୍କ ମଧ୍ୟରୁ କେହି ଦୟାପରବଶ ହୋଇ ମତେ ନିଜ ସିଟ୍‌ଟି ଦେବେ କି ? ହାତରେ ଧରିଥିବା ଜିନିଷ ପତ୍ରର ବ୍ୟାଗ୍ ଏବଂ କାନ୍ଧରେ ପଡ଼ିଥିବା ଭ୍ୟାନିଟି ସହିତ ଗୋଟିଏ ହାତରେ ବସ୍ ଛାତର ରଡ୍‌କୁ ଧରି ଭିଡ଼ ଭିତରେ ହଲି ଝୁଲି ଠିଆ ହୋଇଥାଏ ମୁଁ। ହଠାତ୍ ପଛ ପଟରୁ ଜଣେ ଯୁବକ ଉଠି ମୋତେ କହିଲେ ମାଡାମ୍ ଆପଣ ମୋ' ସିଟ୍‌ରେ ବସି ଯାଆନ୍ତୁ, ମୁଁ ଆପଣଙ୍କ ଜାଗାରେ ଠିଆ ହୋଇ ଯିବି। ଆକୁଳ ବିକଳ ହୋଇ ସେଇ ସିଟ୍‌ରେ ଯାଇ ବସି ପଡ଼ିଲି ମୁଁ। ଯୁବକଟିକୁ ଧନ୍ୟବାଦ ଦେବା ପୂର୍ବରୁ ସେ ଆଗକୁ ଯାଇ ଠିଆ ହୋଇ ପଡିଲା। ବାଟରେ କିଛି ଲୋକ ଓହ୍ଲାଇ ଗଲା ପରେ ସେ ପୁଣି ଗୋଟିଏ ସିଟ୍ ପାଇଗଲା। କିଛି ସମୟ ଉତ୍ତାରୁ ପୁଣି ବସ୍‌ରେ ଉଠିଲେ ଜଣେ ମଧ ବୟସ୍କା ମହିଳା, ତାଙ୍କ ସାଥିରେ ଛୋଟ ପୁଅ ଟିଏ। ବସ୍‌ରେ କୌଣସି ସିଟ୍ ଖାଲି ନଥିଲା, ପୂର୍ବର ସେଇ ଯୁବକଟି ପୁନର୍ବାର ତାଙ୍କ ସିଟ୍‌ରୁ ଉଠି ଯାଇ ସେହି ମହିଳାଙ୍କୁ ଅନୁରୋଧ କଲେ ତାଙ୍କ ପୁଅକୁ କୋଳରେ ଧରି ସେଠାରେ ବସିବା ପାଇଁ। ଯାଜପୁର ରୋଡ଼ରେ ପୁଣି ସେ ଯୁବକ ଜଣକ ସିଟ୍ ପାଇ ବସିଗଲେ। ଭଦ୍ରକ ପାଖାପାଖି ବସ୍‌ରେ ଉଠିଲେ ଜଣେ ବୃଦ୍ଧ। ବସ୍‌ର ପରିସ୍ଥିତି ଦେଖି ପୁଣି ଥରେ ପୂର୍ବୋକ୍ତ ଯୁବକ ଜଣକ ବୃଦ୍ଧଙ୍କୁ ତାଙ୍କର ସିଟ୍ ଟି ଛାଡ଼ି ଦେଇ ନିଜେ ଠିଆ ହୋଇ ପଡିଲେ। ବସ୍‌ର ସମସ୍ତ ଯାତ୍ରୀଙ୍କ ମଧ୍ୟରେ ତାଙ୍କର ଏ ମଣିଷ ପଣିଆ ଦେଖି ଏଥରକ ମୁଁ ସେ ଯୁବକଟିକୁ ଭଲ ଭାବରେ ଲକ୍ଷ୍ୟ କଲି। ଖୁବ୍ ସାଧାରଣ ପୋଷାକପତ୍ର ପିନ୍ଧା ସେହି ଯୁବକଙ୍କ ଚେହେରାରୁ ଜଣା ପଡୁଥିଲା ଯେମିତି ସେ ଦିନ ସାରା ବହୁତ କାମ ଦାମ କରି ଖୁବ୍ କ୍ଳାନ୍ତ । ଭାଗ୍ୟକୁ ତାକୁ ସିଟ୍ ଟିଏ ମିଳିଲା ଜାମୁଝାଡି ଷ୍ଟପେଜ୍‌ରେ। ଶେରଗଡ଼ରେ ପୁଣି ଜଣେ ବୟସ୍କ ବ୍ୟକ୍ତିଙ୍କୁ ନିଜ ସିଟ୍ ଛାଡ଼ି ଦେଇ ପୁଣିଥରେ ଠିଆ ହେଲା ଯୁବକ ଜଣକ। ମୁଁ ତା' ଉଦାରତା ଲକ୍ଷ୍ୟ କରୁଥିଲି।



ସହଦେବ ଖୁଣ୍ଟା ଥିଲା ବସ୍‌ର ଶେଷ ରହଣି ସ୍ଥଳ। ସେଠାରେ ମୁଁ ଓହ୍ଲାଇବା ବେଳକୁ ସେଇ ଯୁବକଟିକୁ ଓହ୍ଲାଇବାର ଦେଖି ତା' ପାଖକୁ ଯାଇ ପଚାରିଲି, କୁଆଡେ ଯିବ ବାବୁ ?


–ଏଠାରୁ ଗୋଟିଏ କିଲୋମିଟର ଦୂରରେ ଆମ ଗାଆଁ । ଆପଣ କୁଆଡ଼େ ଯିବେ କି ମାଡାମ୍ ? ଏତେ ରାତି ହେଲାଣି, କେହି ଆସିବେ ନେବାକୁ ନା' ମୁଁ ସାଥିରେ ଯିବି ଛାଡ଼ି ଦେଇ ଆସିବି ?

– ନାହିଁ ରେ ବାବୁ , ଆମ ଘର ଏଇ ପାଖ କଲୋନୀରେ। ଘରେ ପିଲାମାନେ ଅଛନ୍ତି, ମୁଁ ଚାଲିଯିବି ।

– ଚାଲନ୍ତୁ ମୁଁ ଆପଣଙ୍କ ଘର ପାଖରେ ଛାଡ଼ିଦେଉଚି କହି ମୋ ସହିତ ଚାଲିବାକୁ ଆରମ୍ଭ କଲା ସେ। ଚାଲୁ ଚାଲୁ ମୁଁ ତା'କୁ ପ୍ରଶ୍ନ କଲି.. ଆଚ୍ଛା କହିଲ..ବସ୍‌ରେ ଅନେକ ଲୋକ ଥିଲେ ହେଲେ ତୁମେ ବାରମ୍ବାର ସିଟ୍‌ରୁ ଉଠି ଅନ୍ୟମାନଙ୍କୁ ସିଟ୍ ଦେଉଥିଲ କାହିଁକି ? ସେ ହସିଦେଇ କହିଲା ମାଡାମ୍, ଏହା ମୋର ନିତିଦିନିଆ ଅଭ୍ୟାସ। ପିଲାଟି ବେଳରୁ ବାପାଙ୍କୁ ହରାଇଛି। ମାଆ ପରଘରେ କାମଧନ୍ଦା କରି ମତେ ପାଳି ପୋଷି ପାଠଶାଠ ପଢ଼ାଇ ମଣିଷ କରିଛି। ମୁଁ ଜଣେ ଗ୍ରାଜୁଏଟ୍, ଚାକିରି ବାକିରି ନପାଇ ଶେଷରେ ମୂଲିଆ କାମ କଲି। ପାଠ ପଢି ଚାକିରି କରି ବଡ଼ ମଣିଷ ହେବି ବୋଲି ଆଶାକରି ବସିଥିବା ମୋ'ର ବୁଢ଼ୀ ମାଆ କାଳେ ଏହା ଜାଣିଲେ ମନଦୁଃଖ କରିବ ବୋଲି ପ୍ରତ୍ୟେକ ଦିନ ସକାଳ ବସ୍‌ରେ କଟକ ଯାଇ ମାଲଗୋଦାମରେ କାମ କରି ଶେଷ ବସ୍ ଧରି ଗାଁକୁ ଫେରିଆସେ। ମାଆ ଜାଣେ ମୁଁ କଟକରେ ଚାକିରି କରୁଛି। ମୋ' ପାଖରେ ଧନ ନାହିଁ, ଜୀବନରେ ତ' କାହାକୁ କିଛି ଦେଇ ପାରିଲି ନାହିଁ, ଯଦି ନିଜ ସିଟ୍ ଟି ଦେଇ ଏମିତି କାହାକୁ ସାହାଯ୍ୟ କରି ପାରୁଛି ତ' ସେଥିରେ ମତେ ମାନସିକ ଶାନ୍ତି ମିଳୁଛି, ଯେମିତି ବି ହେଉ ମୁଁ କାହାରି କାମରେ ତ' ଆସୁଛି !! ସେତିକି ମୋର ଆନନ୍ଦ। ସବୁଦିନ ସେମାନେ ଯେଉଁ ଧନ୍ୟବାଦ ଦେଉଛନ୍ତି ସେଇ ମୋ'ର ସମ୍ପତ୍ତି ।

ମୁଁ ସ୍ତବ୍ଧ ହୋଇ ଶୁଣୁଥିଲି ତା' କଥା। ଏଥି ଭିତରେ ଆମେ ଆମ ଘର ପାଖରେ ପହଞ୍ଚି ସାରିଥିଲୁ। ମତେ ଘର ପାଖରେ ଛାଡି ସେ ଖୁସି ମନରେ ତା' ଗାଆଁକୁ ଫେରିଗଲା । ମୁଁ ଭାବୁଥିଲି ଏ ଯୁଗରେ ଏମିତି ମଣିଷ ଅଛନ୍ତି ? ଏମିତିକା ଖୁସି ମଧ୍ୟ ଅଛି ? ? ଯେମିତି ଏଇ ଯୁବକଟି ବସ୍‌ରେ ନିଜର ସିଟ୍ ଟି ଅନ୍ୟକୁ ଦେଇ ଖୁସି ହେଉଛି, ଏ ଦୁନିଆରେ ଉଚ୍ଚଶିକ୍ଷା ସହ ଧନରତ୍ନ, ବସ୍ତ୍ର ଆଭୂଷଣ, ବଡ଼ ବଡ଼ କୋଠାବାଡି, ଗାଡ଼ି ଘୋଡ଼ା ସମସ୍ତ ଐଶ୍ୱର୍ଯ୍ୟ ଥାଇ ମଧ୍ୟ କେହି ଏତେ ଖୁସି ହେଉ ନଥିବେ , କିମ୍ବା ଅନ୍ୟ କାହାକୁ ସାହାଯ୍ୟ କରିବା ପାଇଁ ତାଙ୍କର ଏମିତି ମନୋବୃତ୍ତି ମଧ୍ୟ ନଥିବ । ସତରେ, ନିଜ ଅନ୍ତଃକରଣରେ ଧନୀ ହେବା ଏକ ବିଲକ୍ଷଣ ପ୍ରତିଭା !! ମୋ'ର ମଥା ଆପେ ଆପେ ନଇଁ ଯାଉଥିଲା ଯୁବକଟି ଉଦ୍ଦେଶ୍ୟରେ।।

*–ଶାରଳା ଭବନ, ପୋତାପୋଖରୀ, କଟକ–୪*
*ମୋ:୯୩୩୭୨୭୨୬୪୭*





ଅକ୍ଷୟ କୁମାର

# ଖିଲାଡି ଅକ୍ଷୟ

ବଲିଉଡ୍‌ର ଯେଉଁ କେତେଜଣ ପ୍ରମୁଖ କଳାକାରଙ୍କୁ ସମୟାନୁବର୍ତ୍ତୀ ତାଲିକାରେ ସାମିଲ କରାଯାଇଛି ସେମାନଙ୍କ ମଧ୍ୟରୁ ଅକ୍ଷୟ କୁମାର ଅନ୍ୟତମ। ସେ ତାଙ୍କର ପ୍ରତିଦିନର କାମ ପୂର୍ବ ନିର୍ଦ୍ଧାରିତ ରୁଟିନ୍ ହିସାବରେ ହିଁ କରନ୍ତି। ସବୁଦିନ ସେ ଯେମିତି ବି ହେଉ ଭୋର ପାଞ୍ଚଟାରେ ହିଁ ଉଠନ୍ତି। ଯେତେ ବ୍ୟସ୍ତ ରହିଲେ ମଧ୍ୟ ସେ ସନ୍ଧ୍ୟା ପୂର୍ବରୁ ନିଜର ଡିନର କରି ନିଅନ୍ତି। ସେ କଦାପି ଲେଟ୍ ନାଇଟ୍ ପାର୍ଟିରେ ଯୋଗ ଦିଅନ୍ତି ନାହିଁ। କାରଣ ରାତିରେ ଠିକ୍ ସମୟରେ ଖାଇବା ଏବଂ ଶୋଇବା ତାଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଯେହେତୁ ସେ ମାର୍ଶଲ ଆର୍ଟରେ ସିଦ୍ଧହସ୍ତ ତେଣୁ ସେ ଅଭିନୟ କରିଥିବା ଫିଲ୍ମଗୁଡିକରେ ନିଜର ଷ୍ଟଣ୍ଟ ନିଜେ ହିଁ କରିଥାଆନ୍ତି। 'ଖିଲାଡି ୪୨୦'ରେ ସେ ଏକ ଉଡାଜାହାଜ ଡେଣା ଉପରେ ଷ୍ଟଣ୍ଟ ଦେଇ ଚର୍ଚ୍ଚିତ ହୋଇଥିଲେ। ଭାରତୀୟ ସିନେମାକୁ ତାଙ୍କର ସ୍ମରଣୀୟ ଅବଦାନ ପାଇଁ ୨୦୦୮ରେ କାନାଡ଼ା, ଓଣ୍ଟାରିଓସ୍ଥ ୟୁନିଭର୍ସିଟି ଅଫ ୱିଣ୍ଡସୋର ତାଙ୍କୁ 'ଡକ୍ଟରେଟ ଅଫ ଲ' ଉପାଧିରେ ସମ୍ମାନିତ କରିଥିଲା। ବଲିଉଡ୍‌ରେ ତାଙ୍କର ଆଉ ଏକ ନାମ ରହିଛି। ତାହା ହେଲା 'ଖିଲାଡି ମାଷ୍ଟର'। କାହିଁକି ନା ସେ ଧାରାବାହିକ ଭାବରେ 'ଖିଲାଡି' ଟାଇଟଲ ବିଶିଷ୍ଟ ଫିଲ୍ମଗୁଡିକରେ ('ଖିଲାଡି', 'ମେଁ ଖିଲାଡି ତୁ ଅନାଡି', 'ସବସେ ବଡା ଖିଲାଡି', 'ଖିଲାଡିୟୋଁ କା ଖିଲାଡି', 'ଇଣ୍ଟରନ୍ୟାଶନାଲ ଖିଲାଡି', 'ମିଷ୍ଟର ଆଣ୍ଡ ମିସେସ ଖିଲାଡି' ଏବଂ 'ଖିଲାଡି ୪୨୦') ଅଭିନୟ କରି ପ୍ରଶଂସିତ ହୋଇଛନ୍ତି।

# ଫ୍ୟାଶନ୍ ଡିଜାଇନର୍‌ରୁ ଅଭିନେତ୍ରୀ



ସୋନାକ୍ଷୀ

ସୋନାକ୍ଷୀ ସିହ୍ନା ଇତି ମଧ୍ୟରେ ହାତକୁ ଦି' ହାତ ହୋଇସାରିଲେଣି। ସେଥିପାଇଁ ସେ କିଛି ସମୟ ଲାଗି ଅଭିନୟ ଠାରୁ ଦୂରେଇ ରହିଛନ୍ତି। ହେଲେ ସେ କାହିଁକି ଅଭିନୟକୁ କ୍ୟାରିୟର କରିବାକୁ ନିଷ୍ପତ୍ତି ନେଲେ ଓ ଏହାପଛରେ କାହାର ପ୍ରେରଣା ଥିଲା ଜାଣନ୍ତି କି? ଏ ବିଷୟରେ ସୋନାକ୍ଷୀ କହନ୍ତି, ''ମୁଁ ଆଜି ଜଣେ ଅଭିନେତ୍ରୀ ଭାବରେ ଯେତିକି ନେମ୍ ଫେମ୍ ପାଇଛି ସେଥିପାଇଁ ଦାୟୀ ହେଉଛନ୍ତି ଦୁଇ ଜଣ। ସେ ଦୁହେଁ ହେଲେ ସଲମାନ ଖାଁ ଏବଂ ଅକ୍ଷୟ କୁମାର। ଏହି ଦୁଇ ଲୋକପ୍ରିୟ ଆକ୍ଟରଙ୍କ ଅଭିନୀତ ପ୍ରାୟ ସମସ୍ତ ଫିଲ୍ମ ମୁଁ ଦେଖିସାରିଛି। ଥରେ ଭାବିଲି, 'ମୁଁ କ'ଣ ଜଣେ ଅଭିନେତ୍ରୀ ହୋଇପାରିବି ନାହିଁ ?' ଆଉ ମୋ ମନ କଥା ମୁଁ ପାପାଙ୍କୁ କହିଲି। ସେ ମୋତେ ଏ ନେଇ ଆହୁରି ଉତ୍ସାହିତ କଲେ। ଏହାପରେ ଏଭଳି ସଂଯୋଗ ହେଲା ଯେ, ସଲମାନଙ୍କ ହୋମ୍ ବ୍ୟାନରରେ ହିଁ ମୋତେ ବ୍ରେକ୍ ମିଳିଲା ଆଉ ସେଥିରେ ସେ ନାୟକ ମଧ୍ୟ ସାଜିଲେ। ମୋ ପ୍ରଥମ ସିନେମା 'ଦବଙ୍ଗ'ର ଶୁଟିଂ ବେଳେ ସଲମାନ ମୋତେ ଆକ୍ଟିଂ ବିଷୟରେ ଅନେକ ଟିପ୍ସ ଦେଇଥିଲେ, ଯାହାକି ପରବର୍ତ୍ତୀ ସମୟରେ ମୋ ପାଇଁ ଶୁଭପ୍ରଦ ସାବ୍ୟସ୍ତ ହେଲା।' ହିନ୍ଦୀ ସିନେମାରେ ଅଭିନୟ କରିବା ପୂର୍ବରୁ ସୋନାକ୍ଷୀ ଫ୍ୟାଶନ ଡିଜାଇନିଂ ସହ ଜଡିତ ଥିଲେ। 'ମେରା ଦିଲ ଲେକେ ଦେଖୋ' ଚଳଚ୍ଚିତ୍ର ପାଇଁ କଷ୍ଟ୍ୟୁମ ଡିଜାଇନ୍ କରିଥିଲେ। ହେଲେ ଅଭିନୟ ପାଇଁ ସେ ଏହି ପେସାରୁ ଦୂରେଇ ଗଲେ।

# ସମୟକୁ ଅପେକ୍ଷା

ସତରେ ସମୟ ବଡ ବଳବାନ। ଏହା କେତେବେଳେ କାହା ପାଇଁ ଶୁଭପ୍ରଦ ସାବ୍ୟସ୍ତ ହେବ ତାକୁ ଆକଳନ କରିବା କଷ୍ଟକର। ସେଥିପାଇଁ ସାରା ଅଲ୍ଲୀ ଖାଁ ମଧ୍ୟ ବିଶ୍ୱାସ ହରାଇ ନାହାନ୍ତି। ଆଉ ଆଶା ରଖିଛନ୍ତି ଦିନେ ନା ଦିନେ ପ୍ରଯୋଜକଙ୍କର ଶୁଭ ଦୃଷ୍ଟି ତାଙ୍କ ଉପରେ ପଡିବ ଏବଂ ତାଙ୍କୁ ଏଭଳି ଏକ ଭୂମିକା ମିଳିବ ଯାହା ତାଙ୍କର କ୍ୟାରିୟରକୁ ନୂଆ ମୋଡ ଦେବ। ସାରାଙ୍କର ଆକ୍ଟିଂ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୧୮ରୁ ଆଉ ଫିଲ୍ମଟି ଥିଲା 'କେଦାରନାଥ'। ଗତ ଛଅ ବର୍ଷ ମଧ୍ୟରେ ସେ ମାତ୍ର ୧୦ଟି ସିନେମାରେ ଅଭିନୟ କରିଛନ୍ତି । ଏବେ ତାଙ୍କ ଅଭିନୀତ 'ମେଟ୍ରୋ ଇନ୍ ଦିନୋ' ଟାଇଟଲବିଶିଷ୍ଟ ଏକ ଫିଲ୍ମ ରିଲିଜ ଅପେକ୍ଷାରେ ରହିଛି। ନିଜ କ୍ୟାରିୟର ବିଷୟରେ ସାରା କହନ୍ତି, 'ଏକଥା ସତ ଯେ ଗତ ଛଅ ବର୍ଷ ମଧ୍ୟରେ ମୋତେ ମାତ୍ର ୧୦ଟି ଫିଲ୍ମରେ ଆକ୍ଟିଂ କରିବାର ସୁଯୋଗ ମିଳିଛି। ଆଉ ଆଶାର ତ ଶେଷ ନ ଥାଏ। ତେଣୁ ଯାହା ଘଟିଯାଇଛି ତାହାକୁ ମୁଁ ତର୍ଜମା କରିବାକୁ ଚାହୁଁନାହିଁ। ମୋର ନିଜ ଉପରେ ଭରସା ରହିଛି। ଦିନେ ନା ଦିନେ ଭାଗ୍ୟଦେବୀ ମୋ ପ୍ରତି ପ୍ରସନ୍ନ ହେବେ ଏବଂ ମୋ ଆକ୍ଟିଂ କ୍ୟାରିୟର ଏକ ନୂଆ ମୋଡ ନେବ।' ତେବେ ଆଗାମୀ ସମୟ ସାରାଙ୍କ ପାଇଁ କେତେ ଖୁସି ଖବର ଆଣୁଛି ତାହା ଦେଖିବାକୁ ବାକି ରହିଲା।



ସାରା

# ସେହି ୪୦ ଥର..

ଦର୍ଶକାଦୃତ ହିନ୍ଦୀ ସିନେମା 'ପରିଣୀତା'ରୁ ବିଦ୍ୟା ବାଲନ୍ ତାଙ୍କର ବଡ ପରଦାରେ ଅଭିନୟର କ୍ୟାରିୟର ଆରମ୍ଭ କରିଥିଲେ। ଏହି ଅଫର ପାଇବାକୁ ତାଙ୍କୁ କମ୍ କଷ୍ଟ ସ୍ୱୀକାର କରିବାକୁ ପଡି ନ ଥିଲା। ଫିଲ୍ମଟିର ପ୍ରଯୋଜନା କରିଥିଲେ ବିଶିଷ୍ଟ ପ୍ରଯୋଜକ ବିଧୁ ବିନୋଦ ଚୋପ୍ରା। ନିର୍ଦ୍ଦେଶନା ଦେଇଥିଲେ ପ୍ରଦୀପ ସରକାର। ଯେତେବେଳେ ଏହାର କାଷ୍ଟିଂ ବିଷୟରେ ଦୁହେଁ ଚିନ୍ତା କଲେ ସେତେବେଳେ ସେମାନେ ଜଣେ ନବାଗତାଙ୍କୁ ବ୍ରେକ୍ ଦେବାକୁ ସ୍ଥିର କରିଥିଲେ। ସଂଯୋଗବଶତଃ ଏହି ତାଲିକାରେ ନିଜ ନାମକୁ ଅର୍ନ୍ତଭୁକ୍ତ କରାଇଥିଲେ ବିଦ୍ୟା। ଏହି ଭୂମିକାଟି କିପରି ପାଇଲେ ସେ ବିଷୟରେ ସେ କୁହନ୍ତି, ''ଏଥିପାଇଁ ମୋତେ ଅଡିଶନ ଦେବାକୁ ପଡିଥିଲା। ଥରେ କି ଦୁଇ ଥର ନୁହେଁ, ୪୦ ଥର ଅଡିଶନ ଦେଇଥିଲି। ତା'ସହ ୧୭ ଥର ମେକ୍‌ଅପ୍ ଟେଷ୍ଟ ଦେବାକୁ ପଡିଥିଲା। ଯେତେବେଳେ ପ୍ରଯୋଜକ ମୋତେ ଫୋନ୍ କରି କହିଲେ ଯେ ମୁଁ ଏହି ଫିଲ୍ମର ନାୟିକା ଭୂମିକାରେ ଅଭିନୟ କରିବି, ସେ କଥାକୁ ମୁଁ ବିଶ୍ୱାସ କରିପାରି ନ ଥିଲି।' ଏହି ଫିଲ୍ମରେ ସଞ୍ଜୟ ଦତ୍ତ ଏବଂ ସୈଫ ଅଲ୍ଲୀ ଖାଁ ମଧ୍ୟ ଅଭିନୟ କରିଥିଲେ। ୨୦୦୫ ମସିହାରେ ମୁକ୍ତିଲାଭ କରିଥିବା ଏହି ଫିଲ୍ମଟି ବକ୍ସ ଅଫିସରେ ପ୍ରାୟ ୩୬ କୋଟି ବିଜନେସ୍ କରି ହିଟ୍ ସାବ୍ୟସ୍ତ ହୋଇଥିଲା।



ବିଦ୍ୟା ବାଲନ୍



ପୂଜା

# ଟାଇଟଲ୍ ରହସ୍ୟ

ପୂଜା ହେଗଡେ ଏବେ ଏକ ତାମିଲ ଫିଲ୍ମରେ ଅଭିନୟ କରୁଛନ୍ତି। ଏହାର ଟାଇଟଲ ରହିଛି 'ସୁରିୟା ୪୪'। ଏଥିରେ ସେ ତାମିଲ ଫିଲ୍ମ ଜଗତର ଅନ୍ୟତମ ଲୋକପ୍ରିୟ ଅଭିନେତା ସୂର୍ଯ୍ୟାଙ୍କ ଅପୋଜିଟ୍‌ରେ ଅଭିନୟ କରୁଛନ୍ତି। ତେବେ ଏହି ସିନେମାର ଟାଇଟଲ ପଛରେ ଏକ ମଜାଦାର ରହସ୍ୟ ଲୁଚି ରହିଛି। ତାହା କ'ଣ ଜାଣିବେନି ? ଏହାର ଟାଇଟଲ ବିଷୟରେ ସେ କହନ୍ତି, ''ଉକ୍ତ ଫିଲ୍ମରେ କେବଳ ଆକ୍ସନ ହିଁ ଆକ୍ସନ ଭରି ରହିଛି। ଫିଲ୍ମଟିକୁ ଆହୁରି ଆଟ୍ରାକ୍ଟିଭ କରିବାକୁ ସୁନ୍ଦର ତଥା ମନଲାଖି ଟାଇଟଲଟିଏ ଦିଆଯାଇଛି। ତାହା ହେଲା 'ସୁରିୟା ୪୪'। ହେଲେ କାହିଁକି ଏଭଳି ଟାଇଟଲ ଦିଆଗଲା ଜାଣନ୍ତି ? ଏହା ହେଉଛି ସୂର୍ଯ୍ୟାଙ୍କର ୪୪ତମ ଫିଲ୍ମ। ତେଣୁ ତାହାକୁ ସ୍ମରଣୀୟ କରିବା ପାଇଁ ଏଭଳି ଶୀର୍ଷକ ବଛାଯାଇଛି।'' ଏହାର କାହାଣୀ ରଚନା ସହ ପ୍ରଯୋଜନା କରିଛନ୍ତି କାର୍ତ୍ତିକ ସୁବାରାଜ। ଷ୍ଟୋନ୍ ବେଞ୍ଚ ଫିଲ୍ମସ ଏବଂ ଟୁ-ଡି ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହାକୁ ପ୍ରସ୍ତୁତ କରାଯାଉଛି। ଫିଲ୍ମଟି ଉଭୟ ସୂର୍ଯ୍ୟା ଏବଂ ପୂଜାଙ୍କ ପାଇଁ କେତେ ଶୁଭପ୍ରଦ ସାବ୍ୟସ୍ତ ହେଉଛି ତାହା ରିଲିଜ ପରେ ହିଁ ଜଣାପଡିବ।

# ରଙ୍ଗଶୁର

ପ୍ରକାଶ ଫିଲ୍ମସ ଏବଂ ମୁନ ଟିଭି ମୁଭିଜର ମିଳିତ ପ୍ରଯୋଜନାରେ ନିର୍ମିତ ହୋଇଛି ନୂଆ ଓଡ଼ିଆ ଫିଲ୍ମ 'ରଙ୍ଗଶୁର'। ଏହାର ଟ୍ରେଲର ଆଇ.ଏଫ.ଏଫ. ଆଇରେ ସ୍କ୍ରିନିଂ ହୋଇ ଅନ୍ତର୍ଜାତୀୟ ସ୍ତରରେ ଅନେକ ପ୍ରଶଂସା ସାଉଁଟିବାରେ ଲାଗିଛି। ପ୍ରଶାନ୍ତ ବେହେରା, ସୁନୀଲ ଯାଦବ ଏବଂ ସଚ୍ଚିକାନ୍ତ ଜେନା ଏହାର ପ୍ରଯୋଜନା କରିଛନ୍ତି। କାହାଣୀ, ଚିତ୍ରତ୍ତୋଳନ ଏବଂ ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳିଛନ୍ତି ଅଭିଜ୍ଞ ଟେକ୍ନିସିଆନ ପ୍ରତାପ ରାଉତ। ଫିଲ୍ମଟି ଆସନ୍ତା ବର୍ଷ ମକର ସଂକ୍ରାନ୍ତି ଅବସରରେ ରିଲିଜ ହେବା ପାଇଁ ସ୍ଥିର ହୋଇଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ରଙ୍ଗ-ସୁର ଓଡ଼ିଆ ପରମ୍ପରାର ଏକ ପ୍ରାଚୀନ ଲୋକକଳା ନୃତ୍ୟ ବାଘ ନାଚ । ବିଲୁପ୍ତ ପ୍ରାୟ ବାଘ ନାଚ ଉପରେ ଏହି ଫିଲ୍ମର କାହାଣୀ ଆଧାରିତ। ବାପା ଏବଂ ଝିଅକୁ କେନ୍ଦ୍ର କରି କାହାଣୀ ଆଗେଇଛି। ଦୁହେଁ ବାଘ ନାଚ କଳାକୁ କେମିତି ପୁନରୁଦ୍ଧାର କରାଯାଇ ପାରିବ ତାହାକୁ ଆଧାର କରି କାହାଣୀ ଗତି କରିଛି। ଫିଲ୍ମର ବିଭିନ୍ନ ଭୂମିକାରେ ଚୌଧୁରୀ ବିକାଶ ଦାସ, ଚୌଧୁରୀ ଜୟପ୍ରକାଶ ଦାସ, ସମରେଶ ରାଉତରାୟ, ଜ୍ୟୋତି, ଶୁଭାଶିଷ, ଦୀପନ୍ୱିତ, ସୂର୍ଯ୍ୟମୟୀ ଏବଂ ଶୁଭଶ୍ରୀ ପ୍ରମୁଖ ଅଭିନୟ କରିଛନ୍ତି। ଏହାର ଚିତ୍ରନାଟ୍ୟ ହିମାଂଶୁ ଏବଂ ଶତ୍ରୁ ଲେଖିଥିବା ବେଳେ ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରବ ଆନନ୍ଦ ଏବଂ ବାନି। ସୂଚନାଯୋଗ୍ୟ 'ବାହୁବଳୀ' ଭଳି ବଡ଼ ସିନେମାର ବିତରକ ଥିଲେ ପ୍ରକାଶ ଫିଲ୍ମସ। ସେହିଭଳି ମୁନ ଟିଭି ମୁଭିଜର ପ୍ରଯୋଜକ ସଚ୍ଚିକାନ୍ତ ଜେନା ପ୍ରାୟ ୧୭ଟିରୁ ଅଧିକ ସିନେମା ଓଡ଼ିଆ ଦର୍ଶକଙ୍କୁ ଭେଟି ଦେଇଛନ୍ତି।



ପ୍ରଥମ ରୋଜଗାର

# ପ୍ରଥମ ଦରମା ବାପାଙ୍କୁ ଦେଇଥିଲି



କବି ଡ. ଶ୍ରୀହରି ଧଳ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ଯାଜପୁର ଜିଲା ତାଉଁତରା ଗାଁର ଏକ ମଧ୍ୟବିତ୍ତ ପରିବାରରେ ମୋର ଜନ୍ମ। ବାପା ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ। ସେ ବାବଦେ ତାଙ୍କୁ ଯେଉଁ ଭତ୍ତା ମିଳୁଥିଲା, ସେଥିରେ ମୋ ପାଠପଢ଼ା ସାଙ୍ଗକୁ ଘରଖର୍ଚ୍ଚ ହେଉଥିଲା। ମା'ବାପାଙ୍କର ମୁଁ ଥିଲି ଏକମାତ୍ର ସନ୍ତାନ। ମୋତେ ନେଇ ଅନେକ ସ୍ୱପ୍ନ ଥିଲା ସେମାନଙ୍କ ଆଖିରେ। ସେଥିପାଇଁ ଖୁବ୍ ମନ ଦେଇ ପାଠ ପଢୁଥିଲି। ଏନ୍.ସି. କଲେଜରୁ ଓଡ଼ିଆରେ ଏମ୍.ଏ. ପାସ୍ କରିବା ପରେ ୧୯୮୧ରେ ବରୁଣେଶ୍ୱର କଲେଜରେ ଅଧ୍ୟାପକ ଭାବେ ଯୋଗଦେଲି। ସେ ସମୟରେ ଦରମା ଠିକ୍ ସମୟରେ ମିଳୁ ନଥିଲା। ଘରୁ ପଇସା ଆଣି ଚଳିବାକୁ ପଡୁଥିଲା। ୧୯୮୮ ମସିହାରେ ମୁଁ ପ୍ରଥମ କରି ଯେଉଁ ଦରମା ପାଇଲି ; ତାକୁ ନେଇ ବାପାଙ୍କ ହାତରେ ଦେଇଥିଲି। ସେ ଖୁବ୍ ଖୁସି ହୋଇଥିଲେ ଆଉ ମୋତେ ଆଶୀର୍ବାଦ କରିଥିଲେ। ତାଙ୍କରି ଆଶୀର୍ବାଦ ଯୋଗୁ କିଛି ଦିନ ପରେ ମୋତେ ୟୁଜିସି ସ୍କେଲ୍‌ରେ ଭଲ ଦରମା ମିଳିବାକୁ ଲାଗିଲା। ତା'ପରଠୁ ଆମ ସଂସାର ରଥ ଏକପ୍ରକାର ଭଲରେ ଚାଲିଲା। ବେଶ୍ କିଛି ବର୍ଷ ଉକ୍ତ କଲେଜରେ ଅଧ୍ୟାପନା କରିବା ପରେ ମୋର ଖରସ୍ରୋତା କଲେଜକୁ ବଦଳି ହେଲା। ସେଠାରେ କିଛି ଦିନ କାମ କରିବା ପରେ ପୁନର୍ବାର ମୋର ବଦଳି ବରୁଣେଶ୍ୱର କଲେଜକୁ ହେଲା। ଆଉ ଶେଷରେ ୨୦୨୦ ମସିହାରେ ଏହିଠାରୁ ହିଁ ପ୍ରାଧ୍ୟାପକ ଭାବେ ମୁଁ ଚାକିରିରୁ ଅବସର ନେଇଥିଲି। ଅବଶ୍ୟ ତା'ରି ଭିତରେ ମୁଁ ପିଏଚ୍.ଡି. ହାସଲ କରିସାରିଥିଲି। ଏ ତ ଥିଲା ବୃତ୍ତିଗତ କଥା, ହେଲେ ରୁଚି ମୋର କବିତା ଲେଖିବା। ଏନ.ସି. କଲେଜରେ ପଢିଲାବେଳୁ କବିତା ଲେଖିବା ଆରମ୍ଭ କରିଥିଲି ; ଯାହା ଏବେ ବି ଚାଲିଛି। ୟା' ଭିତରେ ମୋର ୧୧ଟି କବିତା ସଂକଳନ ମଧ୍ୟ ପ୍ରକାଶ ପାଇସାରିଛି ; ତନ୍ମଧ୍ୟରୁ 'ବୁଝେଇ ଦେବାର ଶୋଷ', 'ଧୂଳି ଦେଉଳ', 'ଫେରିବି ପକ୍ଷୀ ହୋଇ', 'ଅସରନ୍ତି ଆଳାପ', 'ଦୃଶ୍ୟହୀନ ଦରଜ', 'ଶବ୍ଦ ପାରିଧି', 'ଗୁଣୁ ଗୁଣୁ ଗୀତ' ଇତ୍ୟାଦି ଅନ୍ୟତମ। ତେବେ କବିତା ବ୍ୟତୀତ ବେଳେବେଳେ କିଛି ପ୍ରବନ୍ଧ ବି ଲେଖିଥାଏ। ମୋ ବାପା ମୋତେ କେବଳ ପାଠ ପଢେଇ ଶିକ୍ଷିତ କରି ନ ଥିଲେ ମୋର ସାହିତ୍ୟ କ୍ଷେତ୍ରକୁ ମଧ୍ୟ ନୂଆ ଏକ ଦିଗନ୍ତ ଦେଇଥିଲେ। କହିବାକୁ ଗଲେ ସେ ହିଁ ଥିଲେ ମୋର ସାହିତ୍ୟ ସାଧନାର ପ୍ରଥମ ପ୍ରେରଣାର ଉତ୍ସ। ସେ ସବୁବେଳେ କହୁଥିଲେ, 'ସାହିତ୍ୟ ସାଧନାକୁ କେବେ ବି ରୋଜଗାରର ମାଧ୍ୟମ ଭାବିବୁନି ବରଂ ଏହାକୁ ନିଃସ୍ୱାର୍ଥପର ଭାବେ ଆରାଧନା କରିବୁ, ଦେଖିବୁ ଖୁବ୍ ମାନସିକ ଶାନ୍ତି ମିଳିବ।' ତାଙ୍କରି କଥାକୁ ମାନି ଚାଲି ଆସିଥିବାରୁ ଆଜି ସାହିତ୍ୟ କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଆଉ ଯେଉଁଥିପାଇଁ ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ତରଫରୁ ମୋତେ ବହୁ ପୁରସ୍କାର ଓ ସମ୍ବର୍ଦ୍ଧନା ବି ମିଳିଛି। ତେବେ ୧୯୯୬ ମସିହାରେ ଫକୀରମୋହନ ସାହିତ୍ୟ ସଂସଦ (ବାଲେଶ୍ୱର)ରୁ ହାଜିଅସରଫ୍ ଅଲ୍ଲି ଉଦୟ ପ୍ରତିଭା ପୁରସ୍କାର ଭାବେ ମୋତେ ଯେଉଁ ୩୦୦୦ ଟଙ୍କା ସହ ସମ୍ବର୍ଦ୍ଧନା ପତ୍ର ମିଳିଥିଲା ତାହା ମୋତେ ଏକ ନିଆରା ଖୁସି ଦେଇଥିଲା। କାରଣ ଏହା ଥିଲା ସାହିତ୍ୟ କ୍ଷେତ୍ରରୁ ମୋର ପ୍ରଥମ ପୁରସ୍କାର ; ଯେଉଁଥିରେ ମୁଁ ବାପାଙ୍କ ପାଇଁ ଖଦଡ଼ର କପଡ଼ା ଓ ଧୋତି କିଣିଥିଲି। ଏପରି କରିବାରେ ମୋତେ ସେଦିନ ଯେଉଁ ଆନନ୍ଦ ମିଳିଥିଲା, ତାହାକୁ ଭାଷାରେ ବ୍ୟକ୍ତ କରିହେବନି।

# ଲାଜରେ ରହିଛି ଅସଲି କଥା, ସେଇଠୁ ଆରମ୍ଭ ପ୍ରେମର ଗାଥା



ସାଥୀ

**ପ୍ରଶ୍ନ**–ସେ ମୋ ମନର ମାନସୀ, ତାହାର ଲାଜୁଆ ହସରେ ପ୍ରେମ ଭରିରହିଛି। ହେଲେ ସେ ମୋତେ ପ୍ରେମ କରୁଛି କି ନାହିଁ ଜାଣି ପାରୁନାହିଁ। କ'ଣ କରିବି ?

*–ପ୍ରମୋଦ ସାହୁ, ବଡବିଲ*

**ଉତ୍ତର:** ଆପଣ ବୋଧହୁଏ ସେହି ସୁନ୍ଦରୀକୁ ଏକତରଫା ପ୍ରେମ କରୁଛନ୍ତି। ହେଲେ ଏଭଳି ପ୍ରେମ ସିନା କ୍ଷଣିକ ଆନନ୍ଦ ଦିଏ, ହେଲେ ତାକୁ ନେଇ ଆଶାର ମୀନାର ତୋଳିବା ବୋକାମି ବ୍ୟତୀତ ଆଉ କିଛି ନୁହେଁ। ସେହି ଝିଅଟି ଆପଣଙ୍କୁ ଲଭ୍ କରୁଛି କି ନାହିଁ ସେ ନେଇ ଆପଣ ସନ୍ଦେହ ଘେରରେ ଅଛନ୍ତି। ଯଦି ତା' ଲାଜୁଆ ହସରେ ଆପଣ ଘାଇଲା ହୋଇ ସାରିଲେଣି, ତେବେ ବିଳମ୍ବ କିଆଁ ? ତାହାକୁ ଭଲ ଭାବରେ ପଢ଼ି ଆପାତତଃ ଆପଣଙ୍କ ପଟରୁ ଗ୍ରୀନ୍ ସିଗନାଲ୍ ଦେଇ ଦିଅନ୍ତୁ ନା ! 'ଲାଜରେ ରହିଛି ଅସଲି କଥା, ସେଇଠୁ ଆରମ୍ଭ ପ୍ରେମର ଗାଥା।' ଯଦି ସେପଟରୁ କିଛି ପ୍ରେମର ଝଲକ୍ ଦେଖୁଛନ୍ତି ତେବେ ବିଳମ୍ବ ନ କରି ତା' ସାମନାରେ ନିଜ ମନର କଥା କହି ଦିଅନ୍ତୁ। ଯଦି ପାଣିପାଗ ଠିକ୍ ରହିଲା ତ ଭଲ, ନ ହେଲେ ସେପରି ପ୍ରେମ ଆଉ ପ୍ରେମିକାକୁ ଯେତେ ଶୀଘ୍ର ମନରୁ ପୋଛି ଦେବେ ତାହା ଭଲ ହେବ।

**ପ୍ରଶ୍ନ**–ମୁଁ ଜଣେ ଝିଅକୁ ଭଲ ପାଉଛି। ହେଲେ ଆମ ପ୍ରେମ କେତେ ଗାଢ଼ ତାହା କେମିତି ଜାଣିବି ?

*–ସୁଜିତ କୁମାର, ସୋନପୁର*

**ଉତ୍ତର:**ପ୍ରେମର ନିଶା କେତେ ଗାଢ଼ ଯିଏ ଅନୁଭବ କରିଛି ସିଏ ଜାଣିଛି। ହେଲେ କେବଳ ଭଲ ପାଇଲେ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର। ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ୍ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। ନ ହେଲେ ସେହି ପ୍ରେମର କେତେବେଳେ ଦି ଏଣ୍ଡ୍ ହୋଇଯିବ ନିଜେ ବି ଚିନ୍ତା କରିପାରିବେ ନାହିଁ।

**ପ୍ରଶ୍ନ**–ଜଣେ ଝିଅ ଦେଖିଲେ କେତେବେଳେ ହସି ଦେଉଛି ତ କେତେବେଳେ ରୁଷୁଛି। ସେ କ'ଣ ସତରେ ମୋତେ ଭଲ ପାଉଛି ?

*–ପ୍ରଶାନ୍ତ କୁମାର, ଅନୁଗୋଳ*

**ଉତ୍ତର:**କଥାରେ ଅଛି–ସମଝଦାର୍ ଆଦମୀକୋ ଇସାରା କାଫି ହୈ। ତେଣୁ ଆପଣ ଟିକେ ମଗଜ ଖଟାନ୍ତୁ ନା ! ସେହି ଚାହାଣୀ, ତାହାର ଭାବଭଙ୍ଗୀକୁ ଭଲ ଭାବରେ ପଢ଼ନ୍ତୁ। ତା' ଭିତରେ କେଉଁଠି ନା କେଉଁଠି ପ୍ରେମର ଅସଲ ବାସ୍ନା ଲୁଚି ରହିଛି।

**ପ୍ରଶ୍ନ**–ଜଣେ ଝିଅକୁ ମୁଁ କେତେ ଥର 'ଆଇ ଲଭ୍ ୟୁ' କହିସାରିଲିଣି। ହେଲେ ସେ ମୋତେ କିଛି କହିବାକୁ ଚାହୁଁଛି। ହେଲେ କହୁନି କାହିଁକି ?

*–ବସନ୍ତ ଦାସ, କେନ୍ଦ୍ରାପଡା*

**ଉତ୍ତର:**ସେ ବୋଧହୁଏ ଆପଣ କହିଥିବା 'ଆଇ ଲଭ୍ ୟୁ'କୁ ତର୍ଜମା କରୁଛି। ସେ ଆପଣଙ୍କୁ କିଛି କହିବାକୁ ଚାହୁଁଛି। ଏହାର ଅର୍ଥ ଆପଣ ତାଙ୍କର ଚାହାଣୀ, କଥାବାର୍ତ୍ତା ଶୈଳୀରୁ ଅନୁମାନ କରିପାରିବେ। ହେଲେ ତାହାକୁ ଠିକ୍ ଭାବରେ ପଢ଼ି ପାରିଲେ ହେଲା। ସେ ଝିଅଟି ଯଦି କିଛି କହିବାକୁ ବିଳମ୍ବ କରୁଛି, ତେବେ ଆପଣ ଅଧୈର୍ଯ୍ୟ ହେଉଛନ୍ତି କିଆଁ ? ନିଜର ଆଗ୍ରହ,ଉତ୍ସାହରେ ଟିକେ ଲଗାମ ଦିଅନ୍ତୁ। ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !


**ପ୍ରଶ୍ନ**–ମୋ ପ୍ରେମିକାକୁ ନେଇ ମୁଁ ଅନେକ କବିତା ଲେଖିଛି। ହେଲେ ସେଗୁଡିକୁ ସେ ପ୍ରଶଂସା କରୁନାହିଁ। କ'ଣ କରିବି ?

*–ସୁମନ୍ତ ସାହୁ, ବଲାଙ୍ଗୀର*

**ଉତ୍ତର:** ଆପଣଙ୍କ ଭିତରେ କବିତା ଲେଖିବାର ପ୍ରତିଭା ଅଛି–ତାହା ନିଶ୍ଚୟ ସ୍ୱାଗତଯୋଗ୍ୟ। ହେଲେ ଆପଣଙ୍କ ପ୍ରେମିକା ମଗଜରେ ସେକଥା ପଶିବା ଦରକାର। ସେ ହୁଏତ ଭାବୁଥିବ ଯେ, ଆପଣ ଏମିତି କିଛି କବିତା ଲେଖୁଛନ୍ତି। ତେଣୁ ନିଜେ ଜଣେ କବି ଆଉ ସୁନ୍ଦର ପ୍ରେମ କବିତା ଲେଖିବାରେ ଆପଣଙ୍କର ପଟୁତା ରହିଛି ବୋଲି ସେପରି ବିଶ୍ୱାସ ପ୍ରଥମେ ପ୍ରେମିକା ମନରେ ସୃଷ୍ଟି କରନ୍ତୁ। ତା'ପରେ ହୁଏତ ସେ ଆପଣଙ୍କ ରଚିତ ତଥା ମନକୁ ଛୁଇଁଲା ଭଳି କବିତାଗୁଡିକୁ ପଢ଼ିବାକୁ ଚେଷ୍ଟା କରିବେ।

# ସମ୍ପର୍କୀୟଙ୍କ ନାଁର ରେଳ ଷ୍ଟେଶନ



**ଦେଶର ଲାଇଫ୍ ଲାଇନ୍ ହେଉଛି ରେଳ ଷ୍ଟେଶନ। ହେଲେ ଅନେକଙ୍କୁ ଏଇ ଜାଗାଟି ଭାରି ବୋରିଂ ଲାଗେ। କାରଣ ଏଠି ଖାଲି ଯାତ୍ରୀଙ୍କ ଭିଡ଼। ଆଉ ଶୁଣିବାକୁ ମିଳେ ଟ୍ରେନ୍‌ର କର୍କଶ ଶବ୍ଦ। ତେବେ ଜାଣନ୍ତିକି କିଛି ରେଳ ଷ୍ଟେଶନର ନାଁ ଏତେ ମଜାଦାର ଯେ, କିଛି ସମୟ ପାଇଁ ଏହା ମୁହଁରେ ହସ ଫୁଟାଇବ । ଯେମିତିକି ଏଇସବୁ ରେଳଷ୍ଟେସନ, ଯାହାର ନାଁ ସମ୍ପର୍କୀୟଙ୍କ ନାଁ ଭଳି...**







**'ବିବିନଗର' ରେଳ ଷ୍ଟେଶନ:** ଦକ୍ଷିଣ-ମଧ୍ୟ ରେଲ୍‌ୱେ, ବିଜୟୱାଡା ଡିଭିଜନର ଏହି ରେଳ ଷ୍ଟେଶନ ତେଲଙ୍ଗାନାର ଭୁବନଗିରି ଜିଲାର ବିବିନଗରରେ ଅଛି। ତେବେ ସୂଚନାଯୋଗ୍ୟ ଯେ, ଏହି ରେଲ୍‌ୱେର ନାମକରଣ ପଛରେ କାହାରି ଧର୍ମପତ୍ନୀଙ୍କ ସହ କିଛି ସମ୍ପର୍କ ନାହିଁ।

**'ବାପ' ରେଳ ଷ୍ଟେଶନ:** ନାମରୁ ଭାବୁଥିବେ ଏହି ରେଳ ଷ୍ଟେଶନ ସବୁ ରେଳ ଷ୍ଟେଶନର ବାପ ହୋଇଥିବ। ହେଲେ ଏହି ଷ୍ଟେଶନ୍‌ଟି ରାଜସ୍ଥାନର ଯୋଧପୁରରେ ଥିବା ଏକ ଛୋଟିଆ ଷ୍ଟେଶନ। ଯେଉଁଠି ଅଛି ଗୋଟିଏ ମାତ୍ର ପ୍ଲାଟ୍‌ଫର୍ମ।

**'ନାନା' ରେଳ ଷ୍ଟେଶନ:** ଯେମିତି ବାପ ନାମରେ ରେଳ ଷ୍ଟେଶନ ଅଛି ନାନା ବା ଅଜାଙ୍କ ନାମରେ ବି ରେଳ ଷ୍ଟେଶନ ଅଛି। ଆଉ କୌତୂହଳର କଥା ଯେ, ନାନା ରେଳ ଷ୍ଟେଶନ ମଧ୍ୟ ରାଜସ୍ଥାନରେ ଅଛି। ଯାହାକି ଏଠାକାର ଚିମନପୁରାରେ ଅଛି। ଏଥିରେ ୨ଟି ପ୍ଲାଟଫର୍ମ ଅଛି। ଏହା ମେନ୍ ମାର୍କେଟ ନିକଟରେ ଅବସ୍ଥିତ। ଷ୍ଟେଶନରେ ଦୁଇଟି ୱେଟିଂ ରୁମ୍, ୱାଟର ଡିସ୍‌ପେନ୍ସର ଓ ପବ୍ଲିକ ରେଷ୍ଟରୁମ୍ ଅଛି।

**'ସାଲୀ' ରେଳ ଷ୍ଟେଶନ:** ରାଜସ୍ଥାନର ଜୟପୁରରେ ଏହି ରେଳ ଷ୍ଟେଶନ ଅଛି। ଏହି ଷ୍ଟେଶନ ଉତ୍ତର-ପଶ୍ଚିମ ରେଲ୍‌ୱେ ସହ ଜଡ଼ିତ। ଏଭଳି ମଜାଦାର ନାମ ଶୁଣି ଅନେକେ କୁହନ୍ତି ଯଦି ଜିଜା ନାମକ ରେଳ ଷ୍ଟେଶନ ବି ଥାଆନ୍ତା ତେବେ ଦୁଇ ଷ୍ଟେଶନର ଯୋଡ଼ି ଭଲ ଜମିଥାନ୍ତା।

**'ଓଢ଼ନୀୟା ଚାଚା' ରେଳ ଷ୍ଟେଶନ:** ଏବେ ଚାଚା ରେଳ ଷ୍ଟେଶନ ବି ଆସିଗଲା। ଏହି ଷ୍ଟେଶନ ଉତ୍ତର-ପଶ୍ଚିମ ରେଲ୍‌ୱେର ଯୋଧପୁର ଡିଭିଜନରେ ପଡ଼େ। ଏହା ରାଜସ୍ଥାନର ପୋଖକର୍ ନିକଟରେ ଅଛି। ତେବେ ଚାଚାଙ୍କ ସହ ଏଠାରେ ଓଢ଼ନୀୟା କାହିଁକି ଯୋଡ଼ା ଯାଇଛି ତାହା ଜଣା ନାହିଁ।

**'ସହେଲି' ରେଳ ଷ୍ଟେଶନ:** ରକ୍ତ ସମ୍ପର୍କ ନାଁର ରେଳ ଷ୍ଟେଶନ ସମ୍ପର୍କରେ ତ ଜାଣିଲେ। ଏବେ ଜାଣନ୍ତୁ ସହେଲି ନାମକ ଷ୍ଟେଶନ ସମ୍ପର୍କରେ, ଯାହାକି ମଧ୍ୟପ୍ରଦେଶର ଭୋପାଳ ଓ ଇଟାରସୀ ନିକଟରେ ଅବସ୍ଥିତ। ଏହି ଷ୍ଟେଶନ ମଧ୍ୟ-ରେଲ୍‌ୱେର ନାଗପୁର ଡିଭିଜନରେ ଅଛି। ଭାବିଲେ ଦେଖି ଯଦି ଆପଣ କହିବେ ମା' ମୁଁ ସହେଲି ଯିବି, କେତେ ଅଜବ ଲାଗିବ ?





ହୀନାରାଣୀ

## ହାଃ ହାଃ

### ସୁନ୍ଦର

ଯୁବକ ଯୁବତୀଙ୍କୁ: ତମର ଲିପଷ୍ଟିକ ଶେଡ୍ ବହୁତ ଭଲ।
ଯୁବତୀ: ଥ୍ୟାଙ୍କସ୍।
ଯୁବକ: ତମ କାନର ଝୁମ୍‌କା ବହୁତ ସୁନ୍ଦର।
ଯୁବତୀ: ଥ୍ୟାଙ୍କସ୍।
ଯୁବକ: ତମ ନେକଲେସ୍ ବି ବହୁତ ସୁନ୍ଦର ହୋଇଛି।
ଯୁବତୀ: ଥ୍ୟାଙ୍କ ୟୁ ଭାଇ...
ଯୁବକ: ତଥାପି ତୁ ବୁଢେଲ ଭଳି ଲାଗୁଛୁ।

### ପସନ୍ଦ

ରୀମା ବୟଫ୍ରେଣ୍ଡ ରାଜେଶକୁ ଘରକୁ ନେଇଥାଏ ମା'ଙ୍କ ସହ ଦେଖା କରାଇବା ପାଇଁ। ପରଦିନ ରୀମା ରାଜେଶକୁ ଖୁସିରେ: ଜାଣିଛ, ମୋ ମାମାଙ୍କୁ ତମେ ବହୁତ ପସନ୍ଦ ଆସିଲ।
ରାଜେଶ: କ'ଣ କହିଲ! ସେ ଯାହାବି ହେଉ, ବାହା ତ ମୁଁ ତମକୁ ହିଁ ହେବି। ତମ ମାମାଙ୍କୁ କହିଦେବ ମତେ ଭୁଲିଯିବେ।

### ଭଲ ମଣିଷ

ପିଣ୍ଟୁ: ପିଲାଦିନେ ଭଲ ମଣିଷ ହେବାକୁ ମୋର ବହୁତ ଇଚ୍ଛା ଥିଲା।
ଗୋପାଳ: ସେ ଇଚ୍ଛା କ'ଣ ପୂରଣ ହେଲା? ତୁ ଭଲ ମଣିଷ ହେଲୁ?
ପିଣ୍ଟୁ: କୋଉଠି ଆଉ ହେଲା। ପିଲାଦିନ ଗଲା ଇଚ୍ଛା ବି ଚାଲିଗଲା।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧ **ଫଟୋ ସୌଜନ୍ୟ: ଓଡ଼ିଶା ଫ୍ୟାଶନ ଭିଲ୍ଲା**

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



# ଅନନ୍ୟ ପର୍ଯ୍ୟଟନସ୍ଥଳୀ କୋଚି

**କୋଚି ହେଉଛି କେରଳସ୍ଥିତ ଏକ ସହର। କିନ୍ତୁ ଏଠାକାର ଆକର୍ଷଣୀୟ ପ୍ରାକୃତିକ ପରିବେଶ, ସଂସ୍କୃତି, ପରମ୍ପରା, ଅନନ୍ୟ ପର୍ଯ୍ୟଟନସ୍ଥଳୀ ତଥା ସୁସ୍ୱାଦୁ ଖାଦ୍ୟପେୟ ଦୂରଦୂରାନ୍ତରୁ ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରିଥାଏ। ଖାସ୍ କରି ଏଠାକାର ସି-ଫୁଡ୍ ବେଶ୍ ମନଲୋଭା ହୋଇଥାଏ। ସେଥିପାଇଁ ବର୍ଷସାରା ଏଠାରେ ଆଗନ୍ତୁକଙ୍କର ଗହଳି ଦେଖିବାକୁ ମିଳେ ...**





କେରଳର ଏର୍ନାକୁଲମ୍ ଜିଲା ଅନ୍ତର୍ଗତ ଏକ ଆକର୍ଷଣୀୟ ତଟୀୟ ସହର ହେଉଛି କୋଚି। ଏହା କୋଚିନ୍ ନାମରେ ବି ଜଣାଶୁଣା। ସଂସ୍କୃତି, ପରମ୍ପରା ହେଉ କି ବେପାର ବଣିଜ ଅଥବା ପର୍ଯ୍ୟଟନ ସବୁ କ୍ଷେତ୍ରରେ ଏହି ସ୍ଥାନର ରହିଛି ସ୍ୱତନ୍ତ୍ର ପରିଚିତି। ଆରବ ସାଗରର ରାଣୀ କୁହାଯାଉଥିବା କୋଚିରେ ପର୍ଯ୍ୟଟକ ଆକର୍ଷଣୀୟ ସମୁଦ୍ରତଟ, ଦର୍ଶନୀୟ ମନ୍ଦିର, ଚର୍ଚ୍ଚ, ପ୍ୟାଲେସ୍, ମ୍ୟୁଜିୟମ୍ ତଥା ଆହୁରି ଅନେକ କିଛି ଦେଖିବାର ସୁଯୋଗ ପାଇପାରିବେ। ସେଥିପାଇଁ ତ ଅଧିକାଂଶ ସମୟ ଏଠାରେ ପର୍ଯ୍ୟଟକଙ୍କର ଗହଳି ଦେଖିବାକୁ ମିଳିଥାଏ।

## ଇତିହାସ

ମସଲା ବ୍ୟାପାର କ୍ଷେତ୍ରରେ କୋଚି ସହରର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଆଉ ଏହି ବେପାର ବଣିଜ ପାଇଁ ଏହି ସହର ବିଭିନ୍ନ ସମୟରେ ବାହ୍ୟ ଶତ୍ରୁଙ୍କ ଆକ୍ରମଣର ଶିକାର ହୋଇଛି। କେବେ ପର୍ତ୍ତୁଗୀଜ୍‌ମାନେ ଆକ୍ରମଣ କରିଛନ୍ତି ତ କେବେ ଡଚ୍‌ମାନେ ଆଉ କେବେ ବ୍ରିଟିଶମାନେ ଏହି ସହର ଉପରେ କାୟା ବିସ୍ତାର କରିବାକୁ ଆଗେଇ ଆସିଛନ୍ତି। ଏତେ ଘାତପ୍ରତିଘାତ ସତ୍ତ୍ୱେ ବି ଏହି ସହର ନିଜ ଅସ୍ତିତ୍ୱକୁ ପୁଣିଥରେ ସୁଧାରିବା ସହ ବାଣିଜ୍ୟ କ୍ଷେତ୍ରରେ ବହୁ ଆଗକୁ ଯାଇ ଏହା ଏବେ କେରଳର ଏକ ବାଣିଜ୍ୟିକ କେନ୍ଦ୍ର ଭାବେ ସ୍ୱତନ୍ତ୍ର ପରିଚିତି ହାସଲ କରିପାରିଛି।

## କ'ଣ ଦେଖିବେ

ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ କୋଚିରେ ଏବଂ ଏହାର ଆଖପାଖ ଅଞ୍ଚଳରେ ରହିଛି ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ଯେମିତିକି: ମଟନଚେରୀ ପ୍ୟାଲେସ୍, ଫୋର୍ଟ କୋଚି, ୱେଲିଙ୍ଗଡନ୍ ଦ୍ୱୀପ, ଭିରାନ୍‌ପୁଝା ହ୍ରଦ ଏବଂ ତତ୍‌ସଲଗ୍ନ ବ୍ୟାକ୍‌ୱାଟର୍, ମଙ୍ଗଳବନମ୍ ପକ୍ଷୀ ଅଭୟାରଣ୍ୟ, ବୋଲଗାଟି ପ୍ୟାଲେସ୍, ମେରାଇନ୍ ଡ୍ରାଇଭ୍, ସାନ୍ତା କ୍ରୁଜ୍ କାଥେଡ୍ରାଲ୍ ବାସିଲିକା, ସନ୍‌ସେଟ୍ କ୍ରୁଜ୍, ଭାସ୍କୋଡା ଗାମା ସ୍କୋୟାର୍, ପ୍ରିନ୍ସେସ୍ ଷ୍ଟ୍ରିଟ୍, ଫୋକ୍‌ଲୋର୍ ମ୍ୟୁଜିୟମ୍, କଥକକଲି ସେଣ୍ଟର, ହିଲ୍ ପ୍ୟାଲେସ୍, ଜ୍ୟୁ ଟାଉନ୍, ସେଣ୍ଟ ଫ୍ରାନ୍ସିସ୍ ଚର୍ଚ୍ଚ, ଥାମ୍‌ପୁରାନ୍ ମ୍ୟୁଜିୟମ୍, ଗ୍ରୀନିକ୍ସ ଭିଲେଜ୍, ଚେରାଇ ବିଚ୍, କାଲାଡ଼ି, ପିୟର୍ସ ଲେସ୍ଲି ବଙ୍ଗଳା, ପଲ୍ଲିପ୍ପୁରମ୍ ଦୁର୍ଗ, ଥ୍ରିକ୍କାକ୍କାରା ବାମନ ମୂର୍ତ୍ତି ମନ୍ଦିର, ଅରିକ୍କଲ ଜଳପ୍ରପାତ ଇତ୍ୟାଦି ଅନ୍ୟତମ।

## ଅର୍ଥନୀତି

କୋଚିର ଅର୍ଥନୀତି ମୁଖ୍ୟତଃ ବେପାର ବଣିଜ ଉପରେ ନିର୍ଭର କରିଥାଏ। ବିଭିନ୍ନ ପ୍ରକାରର ମସଲା ଦ୍ରବ୍ୟ ହେଉକି ସି-ଫୁଡ୍ ବ୍ୟାପାର କ୍ଷେତ୍ରରେ ଏହି ସ୍ଥାନର ରହିଛି ଏକ ସ୍ୱତନ୍ତ୍ର ପରିଚୟ। ତା'ଛଡ଼ା କନ୍‌ଷ୍ଟ୍ରକ୍‌ସନ୍, ମାନୁଫାକ୍ଚରିଂ, ସିପ୍ ବିଲ୍ଡିଂ, କେମିକାଲ୍ ଇଣ୍ଡଷ୍ଟ୍ରି, ଇନ୍‌ଫରମେସନ୍ ଟେକ୍ନୋଲୋଜି, ହେଲ୍‌ଥ ସର୍ଭିସ୍ ଉପରେ ବି ଏହି ସହରର ଅର୍ଥନୀତି ନିର୍ଭର କରିଥାଏ। ଏସବୁ ବ୍ୟତିତ ପର୍ଯ୍ୟଟନରୁ ବି ଏଠାକାର ଲୋକେ ଭଲ ଦୁଇ ପଇସା ରୋଜଗାର କରିଥାନ୍ତି।

## କେବେ ଓ କେମିତି ଯିବେ

ବର୍ଷର ଯେ କୌଣସି ସମୟରେ ଚାହିଁବେ, ପର୍ଯ୍ୟଟକ ଏଠାକୁ ବୁଲିବାକୁ ଯାଇପାରିବେ। ଏଠାକୁ ଯିବାପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। କୋଚିନ୍ ଇଣ୍ଟର ନ୍ୟାସନାଲ୍ ଏୟାରପୋର୍ଟ ହେଉଛି ଏଠାକାର ନିକଟତମ ତଥା ମୁଖ୍ୟ ବିମାନବନ୍ଦର। ସେହିପରି ଏର୍ନାକୁଲମ୍ ଜଙ୍କସନ୍ ରେଲୱେ ଷ୍ଟେଶନ ହେଉଛି ଏଠାକାର ନିକଟତମ ତଥା ମୁଖ୍ୟ ରେଳଷ୍ଟେଶନ। ତା'ଛଡ଼ା ପର୍ଯ୍ୟଟକ ଚାହିଁଲେ ଟୁରିଷ୍ଟ ବସ୍ ଯୋଗେ ବି ସୁବିଧାରେ ଆସି ଏଠାରେ ପହଁଞ୍ଚିପାରିବେ।

## କ'ଣ ଖାଇବେ

ଆକର୍ଷଣୀୟ ଜଳବାୟୁ ତଥା ମନକୁ ମୋହିନେଲା ଭଳି ପର୍ଯ୍ୟଟନସ୍ଥଳୀ ବ୍ୟତିତ ଏଠାକାର ସ୍ୱାଦିଷ୍ଟ ଖାଦ୍ୟପେୟ ବି ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଥାଏ। ମାଛର ବିଭିନ୍ନ ପ୍ରକାରର ବ୍ୟଞ୍ଜନ ବ୍ୟତିତ ଏଠାକାର ସି-ଫୁଡ୍ ରେସିପି ବି ବେଶ୍ ମନଲୋଭା ହୋଇଥାଏ।






# ଶୀତବସ୍ତ୍ରର କଥା

**ଶୀତଦିନ ଆସିଲେ ଖୋଜାପଡ଼େ ଶୀତ ବସ୍ତ୍ର। ତେବେ କେବେ ଭାବିଛନ୍ତି କି ହାଡ଼ଭଙ୍ଗା ଶୀତରୁ ରକ୍ଷା କରୁଥିବା ଉଲ୍‌ର ଏହି ଶୀତବସ୍ତ୍ର କେବେଠୁ ପିନ୍ଧାଯାଉଛି? ଏହାର ଇତିହାସ କ'ଣ? ଜାଣନ୍ତୁ ସେ ସମ୍ପର୍କରେ...**





ଉଲ୍‌ର ଇତିହାସ ବହୁ ପୁରାତନ ଓ କୌତୂହଳମୟ ମଧ୍ୟ। ବେଦରେ ଧାର୍ମିକ କର୍ମକାଣ୍ଡରେ ଉଲ୍ ବସ୍ତ୍ରର ଉଲ୍ଲେଖ ରହିଛି। ଋକ ବେଦରେ ମେଷପାଳକଙ୍କ ଦେବତା ପଶ୍ମଙ୍କ ସ୍ତୁତିର ବର୍ଣ୍ଣନା ଅଛି। ତା'ସହ ଉଲ୍ କାଟିବାର ଉଲ୍ଲେଖ ବି ରହିଛି। ବିଶ୍ୱାସ କରାଯାଏ ଯେବେ ଜଙ୍ଗଲ କାଟିବା ଆରମ୍ଭ ହେଲା ବସତି ବସିବାକୁ ଲାଗିଲା, ଦୁଗ୍ଧ ଓ ମାଂସ ଲାଗି ଛେଳି ମେଣ୍ଢା ପାଳନ ହେବାକୁ ଲାଗିଲା। ଏହାପରେ ହିଁ ମଣିଷ ମୁଣ୍ଡକୁ ଉଲ୍ ତିଆରି ଯୋଜନା ଆସିଥାଇପାରେ। ଆଉ ଉଲ୍ ଶୀତବସ୍ତ୍ର ତିଆରି ହୋଇଥାଇପାରେ। ମିଶର, ବେବିଲୋନର କବରରେ ବି ଉଲ୍‌ର ବସ୍ତ୍ର ମିଳିଛି।

ଇତିହାସରୁ ଜଣାପଡ଼େ ରୋମ ଆକ୍ରମଣ ପୂର୍ବରୁ ବ୍ରିଟେନର ଲୋକେ ଉଲ ବସ୍ତ୍ର ପରିଧାନ କରୁଥିଲେ। ୧୭୮୮ରେ ଆମେରିକାର ହାର୍ଟଫୋର୍ଡରେ ପାଣିରେ ଚାଲୁଥିବା ଉଲ ଫ୍ୟାକ୍ଟରୀ ଆରମ୍ଭ ହୋଇଥିଲା। ସେତେବେଳେ ଉଲ୍‌କୁ କେରାଟିନ୍ ନାମକ ପ୍ରୋଟିନରେ ତିଆରି କରାଯାଉଥିଲା। ଏହା ହେଉଛି ସେହି ପ୍ରୋଟିନ, ଯେଉଁଥିରେ ଆମର କେଶ, ନଖ ଏବଂ ଚଢେଇଙ୍କ ପର ଓ ଜୀବଜନ୍ତୁଙ୍କ ଶିଙ୍ଗ ତିଆରି ହୋଇଥାଏ। ତେବେ ସ୍ୱେଟରର ଉତ୍ପତ୍ତି ଊନବିଂଶ ଶତାବ୍ଦୀରେ ହୋଇଥିବା ଅନୁମାନ କରାଯାଏ। ଯେବେ ଆୟର୍ଲାଣ୍ଡ, ସ୍କଟ୍‌ଲାଣ୍ଡର ମାଛଧରାଳିମାନେ ଖୋଲା ସମୁଦ୍ରରେ ଗରମ ରହିବା ଲାଗି ସ୍ୱେଟର ପିନ୍ଧିବା ଆରମ୍ଭ କରିଥିଲେ। ସେ ସମୟରେ ସ୍ୱେଟରକୁ ମୋଟା ଓ ଓଜନିଆ ଉଲ୍‌ରେ ତିଆରି କରାଯାଉଥିଲା। ଯେଉଁଥିରେ ଜଟିଳ ପାଟର୍ନ କରାଯାଉଥିଲା। ଉଲ୍‌କୁ ୱାଟରପ୍ରୁଫ କରିବା ଲାଗି ତେଲରେ ଉପଚାର କରାଯାଉଥିଲା, ଯାହାକି ମାଛଧରାଳିଙ୍କ ପାଇଁ ବେଶ୍ ସହାୟକ ହେଉଥିଲା।





ବିଂଶ ଶତାବ୍ଦୀ ବେଳକୁ ସ୍ୱେଟର ଉଭୟ ପୁରୁଷ ଓ ମହିଳାଙ୍କ ଲୋକପ୍ରିୟ ପରିଧାନ ପାଲଟିଯାଇଥିଲା। ତେବେ ଏହାକୁ ଖାସ୍‌କରି ଗଲ୍ଫ ଅବା ଟେନିସ୍ ଖେଳିବା ସମୟରେ ପିନ୍ଧିବା ଲାଗି ତିଆରି ହେଉଥିଲା। ହଲିଉଡ୍ ଫିଲ୍ମରେ ବ୍ୟବହାର ହେବାପରେ ଏହାର କାଜୁଆଲ ବ୍ୟବହାର ଲୋକପ୍ରିୟ ହେଲା। ୧୯୩୦ ଦଶକ ବେଳକୁ ଫ୍ରେଡ ଆଷ୍ଟାୟର ଓ ଜିଞ୍ଜର ରୋଜର୍ସ ପରି ତାରକା ଭି ନେକ୍ ସ୍ୱେଟର ପିନ୍ଧିବା ପରେ ଏହି ଡିଜାଇନ୍‌ର ସ୍ୱେଟର ଲୋକପ୍ରିୟ ହେବାକୁ ଲାଗିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବି ସ୍ୱେଟରର ପ୍ରମୁଖ ଭୂମିକା ରହିଥିଲା। କାରଣ ସେତେବେଳେ ସୈନିକମାନଙ୍କ ୟୁନିଫର୍ମର ଏକ ଅଂଶ ହୋଇଥିଲା ସ୍ୱେଟର। ଧୀରେ ଧୀରେ ଏହା ଲୋକପ୍ରିୟ ହେବାକୁ ଲାଗିଲା। ଆଉ ଏହାକୁ ଅନଔପଚାରିକ ଭାବେ ମଧ୍ୟ ବ୍ୟବହାର ହେବାକୁ ଲାଗିଲା। ୧୯୫୦-୬୦ ବେଳକୁ ସ୍ୱେଟର ଆଇଭି ଲିଗ୍ (ଏକ ଆଥଲେଟିକ ସମ୍ମେଳନ ଯେଉଁଥିରେ ପୂର୍ବତନ ସଂଯୁକ୍ତ ରାଜ୍ୟ ଆମେରିକାର ଉଚ୍ଚ ଶିକ୍ଷାର ଆଠୋଟି ସଂସ୍ଥା ସାମିଲ ) ଲୁକ୍‌ର ଏକ ଅଭିନ୍ନ ଅଙ୍ଗ ପାଲଟିଗଲା। ଫଳରେ ଅନେକ ଯୁବକ ନିଜ ୱାର୍ଡରୋବରେ କାର୍ଡିଗନ୍ ଓ ଭି ନେକ୍ ସ୍ୱେଟର ରଖିବାକୁ ଲାଗିଲେ। ଅକ୍ସଫୋର୍ଡ ଇଂଲିଶ ଡିକ୍ସନାରୀରେ ୧୮୮୨ ମସିହାରେ ସ୍ୱେଟର ଶବ୍ଦ ସାମିଲ ହେଲା।

# ସବୁଠୁ ବଡ଼ ୟୋ ୟୋ

ୟୋ ୟୋ ଏକ ମଜାଦାର ଖେଳଣା। ପିଲାମାନେ ଏହାକୁ ବହୁତ ଭଲ ପାଆନ୍ତି। ହାତରେ ଏହାକୁ ଯେକୌଣସି ସମୟରେ ଧରି ଖେଳିଥାନ୍ତି। ତେବେ ଏମିତି ଏକ ୟୋ ୟୋ ଅଛି ଯାହାକୁ ପିଲା ହୁଅନ୍ତୁ କି ବଡ଼, ହାତରେ ଧରି ଖେଳିବା ଅସମ୍ଭବ। କାରଣ ଏହା ହେଉଛି ପୃଥିବୀର ସବୁଠାରୁ ବଡ଼ ୟୋ ୟୋ। ଆମେରିକାର ବେଥ୍ ଜନସନ୍ ଏହାକୁ ତିଆରି କରିଛନ୍ତି। ଉକ୍ତ ୟୋ ୟୋର ବ୍ୟାସ ୧୧ ଫୁଟ୍ ୧୦.୭୫ ଇଞ୍ଚ ଓ ଓଜନ ୨୦୯୫.୬ କି.ଗ୍ରା.। ଏକ କ୍ରେନ୍‌ରେ ୧୨୦ ଫୁଟ୍ ଲମ୍ବର ଏକ ଦଉଡ଼ିରେ ଏହାକୁ ଝୁଲାଇ ରଖି ତାକୁ ବାଉନ୍ସ କରାଯାଉଥିଲା। ରେକର୍ଡ଼ କରିବା ପୂର୍ବରୁ ବେଥ୍ କିନ୍ତୁ ଏହାକୁ ତିନିଥର ଟ୍ରାଏ କରିଥିଲେ। ହେଲେ ସବୁଥର ଦଉଡ଼ି ଛିଣ୍ଡି ଯାଇଥିଲା। ଚତୁର୍ଥ ଆଟେମ୍ପ୍‌ଟରେ ସେ ସଫଳ ହେଲେ। ଆଉ ଗିନିଜ୍ ୱାର୍ଲଡ ରେକର୍ଡସରେ ବେଥ୍‌ଙ୍କର ଏହି ବିରାଟକାୟ ୟୋ ୟୋ ସବୁଠୁ ବଡ଼ ୟୋ ୟୋର ମାନ୍ୟତା ପାଇଲା।



# ରିଷ୍ଟ ଖଣ୍ଡନ

## କଥା ଚାଟ୍



ଓଁ ଅଭିଜ୍ଞାନ ସାହୁ

ଏଇ ଗଲା ଦଶହରା ଭସାଣି ବାସି କଥା । ରାସ୍ତାକଡ଼ରେ ଗାଡ଼ି ରଖି ଗୋଟେ ଦୋକାନରୁ କିଛି କିଣୁଥିବା ବେଳେ ବିଚ୍ ରାସ୍ତାରେ ଦୁଇଟା ଷଣ୍ଢ ଲଢ଼ା ଲଢ଼ି ହୋଇ ଗୋଟେ ଷଣ୍ଢ ମୋ ଗାଡ଼ିକୁ ଏମିତି ଧକ୍କା ଦେଲା ଯେ ଗାଡ଼ିର ଗୋଟେ ପଟର ହୁଳିଆ ସମ୍ପୂର୍ଣ୍ଣ ବଦଳିଗଲା ।

ମନ ଦୁଃଖରେ ଘରେ ଆସି ସବୁ କହିଲି । ମୋ କଥା ଶୁଣି ଦୁଃଖ କରିବା ପରିବର୍ତ୍ତେ ଆରମ୍ଭ ହେଲା ଆମ ବୁଦ୍ଧିମତିଙ୍କ ଗୁରୁବାଣୀ । କେତେ ବୁଝେଇଲିଣି ଗାଡ଼ି କିଣ କି ଘର ନୂଆ ଜିନିଷ ବ୍ୟବହାର ପୂର୍ବରୁ ପ୍ରଥମେ ଠାକୁରଙ୍କ ପାଖରେ ଟିକେ ପୂଜା କରିଦିଅ । ମୋ କଥା କ'ଣ ଶୁଣିବେ । ତୁମକୁ କହି କିଛି ଲାଭ ନାହିଁ । ତୁମେ ତ ଯିବନି, ଷଣ୍ଢ ବାଡ଼େଇ ହୋଇଛି ମାନେ ମୁଁ ଯାଏ ଆଗ ମହାଦେବଙ୍କ ମନ୍ଦିରରେ ଦୀପ ଜାଳି ନଡ଼ିଆ ଭୋଗ କରିଆସେ । ବୁଦ୍ଧିମତୀଙ୍କ କଥା ଶୁଣି ମୋର ଗୋଟେ ମଜା କଥା ମନେ ପଡ଼ିଗଲା । ଜଣେ ହାଡ଼ଭଙ୍ଗା ଡାକ୍ତରଙ୍କ ପାଖରେ ରୋଗୀ ହେଉ ନ ଥିଲେ । ଡାକ୍ତର ରାତି ଅଧରେ ତାଙ୍କ କ୍ଲିନିକ ପାଖ ରାସ୍ତାରେ ଗୁଡ଼ାଏ ଗାତ ଖୋଳି ଦେଲେ । ଲୋକେ ଗାତରେ ପଡ଼ି ଗୋଡ଼ ହାତ ଭାଙ୍ଗିଲା ପରେ ତାଙ୍କ କ୍ଲିନିକକୁ ଆସିଲେ । ଏବେ ନୂଆ ନୂଆ ଆବିର୍ଭାବ ହେଉଥିବା ଠାକୁର ଠାକୁରାଣୀ ଓ ସ୍ୱୟଂଭୁ ବାବାମାନଙ୍କ ଅଭିନବ ମାର୍କେଟିଂ ଷ୍ଟ୍ରାଟେଜିର ପାଦୁର୍ଭାବରୁ ବରିଷ୍ଠ ପ୍ରଭୁମାନଙ୍କ ମନ୍ଦିରକୁ କାଁ ଭାଁ ଭକ୍ତ ଯାଉଛନ୍ତି। ମୋତେ ଲାଗୁଛି ସେୟା ହୋଇଥିବ । ମହାଦେବ ବୋଧେ ତାଙ୍କ ବାହାନକୁ ନିର୍ଦ୍ଦେଶ ଦେଇଛନ୍ତି ଯାଅ ରାସ୍ତାଘାଟରେ ମୁକ୍ତ ବିଚରଣ କରି ଉତ୍ପାତ କର । ତୁମମାନଙ୍କ ଉତ୍ପାତରେ ଆକ୍ରାନ୍ତ ହେଲା ପରେ ଲୋକେ ବଳେ ମୋ ପାଖକୁ ଆସିବେ ।

ବହୁ ଅର୍ଥ ଓ ଶ୍ରମ ଶ୍ରାଦ୍ଧ ପରେ ଗାଡ଼ି ସଜଡ଼ା ହୋଇ ଘରକୁ ଆସିଲା । ପତ୍ନୀ କହିଲେ ଆଜି ପର୍ଯ୍ୟନ୍ତ ତୁମେ ମୋର କୌଣସି କଥା କେବେବି ରଖିନ । ମୋର କିଛି ହୋଇଗଲେ ତୁମେ ଖୁସି ହେବ ମୁଁ ଜାଣିଛି ହେଲେ ପିଲାମାନଙ୍କ କଥା ଟିକେ ଭାବ । ପିଲାଙ୍କୁ ଗାଡ଼ିରେ ନେଇ ଯିବା ଆସିବା କରୁଛ । କେଉଁ ପାଞ୍ଚଟା ନା ଦଶଟା ଗଣି ଗଣି ଦୁଇଟା ଛୁଆ । କାଳୀ ପୂଜା ଆସୁଛି ଗାଡ଼ିକୁ ଟିକେ ପୂଜା କରିଦେଲେ ହୁଅନ୍ତା ନାହିଁ !! ଅଗତ୍ୟା କାଳୀପୂଜା ଦିନ ଗାଡ଼ିପୂଜା ହେବା ନିଶ୍ଚିତ ହେଲା ।

ଆମ ଘର ପାଖରେ ପ୍ରସିଦ୍ଧ କାଳୀମନ୍ଦିର । ଭାରି ପ୍ରତ୍ୟକ୍ଷ କାଳୀ ବୋଲି ନାଁ ଡାକ । ଡାକିଲେ କାଳେ ଓ' କରନ୍ତି । ଯୋଗକୁ ମୋର ଜଣେ ସହପାଠୀ ବଟକୃଷ୍ଣ ଦାସ ଓରଫ ବଟୁ ନନା ବା ବଟୁ ଭାଇନା ସେଠି ପୂଜକ ଅଛନ୍ତି । ଉତ୍ତରାଧିକାର ସୂତ୍ରରେ କାଳୀମନ୍ଦିର ପୂଜକ ହୋଇଛନ୍ତି । ନଚେତ୍ ନିତି ଭିଡ଼ ହେଉଥିବା କୌଣସି ମନ୍ଦିରରେ ପୂଜକ ହେବା ସହଜ କଥା ନୁହେଁ । ନନାଙ୍କ ବାପାଙ୍କୁ ସମସ୍ତେ ବଡ଼ନନା ଭାବେ ଜାଣନ୍ତି । ଝଡ଼ା ଫୁଙ୍କା ଚିକିତ୍ସାରେ ତାଙ୍କର ବହୁ ଖ୍ୟାତି ଥିଲା । ବିଶେଷଭାବେ ପ୍ରେତାତ୍ମା ଲାଗିଲେ ବଡ଼ନନାଙ୍କୁ ସମସ୍ତେ ଖୋଜନ୍ତି । ବଟୁନନା ସିନା ଭୂତ ଛଡ଼ା ମନ୍ତ୍ର ବାପାଙ୍କଠାରୁ ଶିଖିପାରିଲେ ନାହିଁ ହେଲେ ଗାଡ଼ି ପୂଜା ମନ୍ତ୍ର, ଡେଉଁରିଆ ଶୁଦ୍ଧି ମନ୍ତ୍ର ରିଷ୍ଟ ଖଣ୍ଡନ ମନ୍ତ୍ର ଇତ୍ୟାଦି ଶିଖିଛନ୍ତି । ବଡ଼ନନାଙ୍କ ବିୟୋଗ ପରେ ବଟୁନନା ମନ୍ଦିରରେ ପୂଜକ ଭାବେ ଜଏନ କଲେ । ନିଜର ଅମାୟିକ ବ୍ୟବହାର ଯୋଗୁ ଭକ୍ତ ପୂଜା ପାଇଁ ତାଙ୍କୁ ଆଗ ଖୋଜନ୍ତି ।

ଗତ କରୋନା ସମୟର କଥା ଏବେ ବି ମନେପଡ଼େ । ଭାଇନାଙ୍କ ସହ ଥରେ ଦେଖା ହୋଇଥିଲା । ଭକ୍ତଙ୍କ ଗହଳି ଡରରେ ସରକାର ଦର୍ଶନ ବନ୍ଦ କରିଥିବାରୁ ମନ୍ଦିର ଦୁଆରେ କାଉ ଉଡୁଥିଲେ। ମନ ଦୁଃଖରେ ବସିଥିବା ନନା ମୋତେ ଦେଖି କହିଲେ ଟିକା ତିଆରି କରୁଥିବା କମ୍ପାନୀର ଏ ସବୁ କାଳେ ଗୋଟେ ଚାଲ । କରୋନାକୁ ଆଦୌ ଭୟ କରିବା କଥା ନୁହେଁ । ମା' କାଳୀଙ୍କ ସିନ୍ଦୂର ଓ ଧଣ୍ଡା ପାଖରେ ରଖିଲେ କରୋନା ଜୀବାଣୁ ପାଖରେ ପଶିବେନି । ସେ ନିଜେ ସବୁ ଆଡ଼େ ବୁଲୁଛନ୍ତି । ଗୋଟିଏ ବି ଟିକା ନେଇ ନାହାନ୍ତି କି ମାସ୍କ ପିନ୍ଧୁ ନାହାନ୍ତି । ତଥାପି ତାଙ୍କୁ କରୋନା ହେଉନି । ସରକାର ମାଗଣା ଟିକା ପାଇଁ ଅଯଥା ଟଙ୍କା ଖର୍ଚ୍ଚ କରୁଛନ୍ତି । ସମସ୍ତେ



କାଳୀଙ୍କ ସିନ୍ଦୂର ଓ ଧଣ୍ଡା ପାଖରେ ରଖିଥିଲେ କରୋନା କେବେଠୁ ଭାରତ ଛାଡ଼ି ଚାଲି ଯାଆନ୍ତାଣି । ଜୋରକରି ମୋତେ ମା'ଙ୍କ ସିନ୍ଦୂର ଓ ଛଡ଼ା ଫୁଲ ଧରେଇଲେ। ଘରକୁ ଫେରିଲା ପରେ ଦେହ ଟିକେ ଜରୁଆ ଲାଗିଲା । କରୋନା ଭୟରେ ଚଉଦ ଦିନ ଏକଘରିଆ ରହିଲି । ଯାବତୀୟ ପରୀକ୍ଷା ନିରୀକ୍ଷା ପରେ ଜଣା ପଡ଼ିଲା ଗାଧୁଆ ପାଧୁଆ ଠିକ ନ ଥିବା ହେତୁ ଦେହ ଉଷୁମ ଲାଗୁଥିଲା ନଚେତ କରୋନା ନାହିଁ । ଭାଇନାଙ୍କୁ ଫୋନ କରି କହିଲି ଧଣ୍ଡା ଧରୁ ଧରୁ ଏତିକି କିଳା ଭୋଗିଲିଣି ଆଗକୁ ପୁଣି ଅଛି। ଭାଇନା କହିଲେ ତୋ ଭାଗ୍ୟ ଭଲ । କରୋନା କେତେ କେତେ ରଥୀ ମହାରଥୀଙ୍କୁ ଛାଡ଼ିନି । ତୋ ଚାରିପାଖରେ କରୋନା ବୁଲିଲା, ହେଲେ ମା'ଙ୍କ ଧଣ୍ଡା ସିନ୍ଦୂର ଯୋଗୁ ତୋତେ ଛୁଇଁ ପାରିଲା ନାହିଁ। ମା'ଙ୍କ ପାଖରେ ପାଟଲୁଗା ଲାଗି କର ସବୁ ମଙ୍ଗଳ ହେବ । ପାନ ଦୋକାନ ଚାହା ଦୋକାନ ଭଳି ମା'ଙ୍କୁ ଲୁଗା ଲାଗି କରିବା କାମଟା ମୋର ଆଜି ଯାଏ ବାକି ଖାତାରେ ଗଡୁଛି।

ପୂଜା ପାର୍ବଣର ବିଶେଷ ଦିନମାନଙ୍କରେ ଭାଇନାଙ୍କୁ କଥା କହିବାକୁ ଫୁରୁସତ ନ ଥାଏ । ଖାସ କାଳୀ ପୂଜା ଦିନ ଯେତିକି ଗାଡ଼ି ପୂଜା ହୁଏ ଟୋଟାଲ ବର୍ଷକ ଯାକ ମିଶେଇଲେ କମ୍ ହେବ । ଅଣ୍ଟିରେ ଦକ୍ଷିଣା ମୁହଁରେ ପାନ ଦେଖିଲା ମାତ୍ରେ ଖାଲି ହାତ ଉଠେଇ 'ହଁ ସାଙ୍ଗ' କହି ଭକ୍ତିଆ ଗରାଖଙ୍କ ଭିତରେ ହଜିଯାଆନ୍ତି । ଭିଡ଼ ଏମିତି ହୁଏ ଯେ ଏକା ସାଙ୍ଗରେ ପାଞ୍ଚ ପାଞ୍ଚଟା ଗାଡି ଲାଇନରେ ଛିଡା କରେଇ ଗୋଟିଏ ମନ୍ତ୍ରରେ ପୂଜା ସାରିଦିଅନ୍ତି । ଅଭିଯୋଗ କରିବାକୁ ଭକ୍ତଙ୍କ ଯୁ' ନ ଥାଏ । କହିଲେ ଶୁଣିବାକୁ କେହି ନାହିଁ । ପଛରେ ଗାଡ଼ି ଧରି ଆଉ ଦଶ ଛିଡ଼ା ହୋଇଛନ୍ତି ପୂଜା ପାଇଁ । କାଳୀ ପୂଜାରେ କାଳେ ଗାଡ଼ି ପୂଜିଲେ ଗାଡ଼ି ଦୀର୍ଘାୟୁ ହୁଏ । ଅବଶ୍ୟ ଚାଳକର ଦୀର୍ଘ ଜୀବନ ପାଇଁ ଦୁତିଆ ଓଷା ଭଳି ଅନ୍ୟାନ୍ୟ ପୂଜା ଭିନ୍ନ ଭିନ୍ନ ଠାକୁରଙ୍କ ପାଖେ ହେବାର ବିଧି ଅଛି ।

ନନା ମୋ ଗାଡ଼ି ହେଡ୍ ଲାଇଟ କାଚରେ ସିନ୍ଦୂରରେ ଅର୍ଦ୍ଧ ଚନ୍ଦ୍ର କାଟି ଚକା ତଳେ ଲେମ୍ବୁ ରଖି ଆଙ୍ଗୁଠିରେ ଆଙ୍ଗୁଠି ଛନ୍ଦି ଗୁଣ୍ଡୁ ଗୁଣ୍ଡୁ ହେଇ ଦକ୍ଷିଣା ହିସାବ କଲେ କି କାଳୀ ମନ୍ତ୍ର ପଢିଲେ କେଜାଣି ? ଶେଷରେ ଦୁଇଥର ତାଳି ମାରି କହିଲେ , ଏବେ ଗାଡ଼ି ଗଡ଼ା । ଦେଖିବୁ ଯେମିତି ଚକା ତଳେ ଲେମ୍ବୁ ଚିପି ହୋଇ ଫାଟିବ । ଲେମ୍ବୁ ଫାଟିଲାମାନେ ଜାଣିବୁ ରିଷ୍ଟ କଟିଲା । ମୁଁ କହିଲି ନନା ମା'ଙ୍କ ଧଣ୍ଡା ଆଉ ସିନ୍ଦୂର ଯୋଗୁଁ କରୋନା ରିଷ୍ଟ କଟିବାକୁ ଚଉଦ ଦିନ ଲାଗିଲା, ଏଥର ଟିକେ ଭଲକରି ମନ୍ତ୍ର ପଢ ଯେମିତି ଗାଡ଼ି ଧକ୍କା ରିଷ୍ଟ ତୁରନ୍ତ କଟିବ । ବଟୁ ନନା କହିଲେ ନିମ୍ବ ମୂଳରେ ମହୁ ଢାଳିଲେ ନିମ୍ବପତ୍ର କି ମିଠା ଲାଗିବ ? ତୋ ଭଳି ଭକ୍ତଙ୍କ ରିଷ୍ଟ କଟିବା ପାଇଁ ରୁଦ୍ରାଭିଷେକ ଯଜ୍ଞ ବି କମ୍ ପଡ଼ିବ । ଭଲ କି ଗୋଟେ ମୁଣ୍ଡିଆ ମାରି ଗାଡ଼ି ନେଇ ଘରକୁ ଯାଆ । ଆଗକୁ ତୋ ଭାଗ୍ୟ ।

ଯାହାହେଉ ପୂଜକ ସାଙ୍ଗ ଯୋଗୁ ପୂଜା ଶସ୍ତାରେ ହୋଇଗଲା । ବଟୁ ଭାଇନା ଚାରିଟା ଲେମ୍ବୁ ମାଗଣାରେ ଦେଇଥିଲେ । ମାଗଣା ଦେଇଥିବା ଲୋକକୁ ନିନ୍ଦିବି ନାହିଁ । ତାଙ୍କ ନିର୍ଦ୍ଦେଶ ମୁତାବକ ବଡ଼ ଭକତିଆ ମୁଣ୍ଡିଆଟେ ମାରି ଗାଡି ଷ୍ଟାର୍ଟ କରୁଛି କେଉଁଠିଥିଲା ଧୂମକେତୁ ଭଳି ଗୋଟେ ସ୍କୁଟି ଆସି ଗାଡ଼ି ସାମ୍ନାରେ ପିଟି ହୋଇଗଲା । ଦେଖିଲା ବେଳକୁ ପଚିଶ ତିରିଶ ବର୍ଷ ବୟସର ସୁନ୍ଦରୀ ଯୁବତୀଟିଏ ସ୍କୁଟି ଆଣି ପିଟିଦେଇଛନ୍ତି । ହେ ହେ କହି ଲୋକ ଗଦା ହୋଇଗଲେ । ନନା କହିଲେ, ଭଲରେ ପୂଜା ହୋଇଥିଲା ବୋଲି ସ୍କୁଟି ଗାଡ଼ିରେ ପିଟିହେଲା ଯଦି ତୁମ ଦେହରେ ପିଟି ହେଇଥାନ୍ତା ତ.... । ଭାଗ୍ୟଭଲ ମା'ଙ୍କ କୃପାରୁ ରିଷ୍ଟ କଟିଲା । ମୁଁ ଘରକୁ ଫୋନ କରି ପତ୍ନୀଙ୍କୁ କହିଲି ଆମ ଗାଡ଼ିରେ ଜଣେ ଝିଅ ତା' ସ୍କୁଟି ଆଣି ପିଟି ଦେଇଛି । ବେଶି କିଛି ହେଇନି ଖାଲି ସାମ୍ନା ପଟ ସାମାନ୍ୟ ଚେପା ହେଇ ଟେକାଏ ରଙ୍ଗ ଛାଡିଯାଇଛି । ଏବେ କୁହ ସୁନ୍ଦରୀ ସ୍କୁଟି ବାଲି ଝିଅ ଧକ୍କା କଲେ ରିଷ୍ଟ କାଟିବାକୁ କେଉଁ ଦେବାଳୟରେ ଦୀପ ଜାଳିବି । ଭାବୁଛି ଘରକୁ ଫେରିବା ପୂର୍ବରୁ ସେ ଦୀପ ଜଳା କାମଟା ସାରିଦେଇଯିବି । ପତ୍ନୀ କହିଲେ , ''କେତେଥର କହିଲିଣି ଗାଡ଼ି ଚଳେଇଲା ବେଳେ ସାମ୍ନାକୁ ଦେଖି ଗାଡ଼ି ଚଳାଅ । ରାସ୍ତାରେ ଯଦି କେଉଁଠି ସୁନ୍ଦରୀ ଝିଅ ଦେଖିବ ବୁଲି ବୁଲି ତାକୁ ଚାହୁଁଥିବ ଗାଡ଼ି ଧକ୍କା ତୁମର ହେବନି ତ କ'ଣ ଗାଁ ଲୋକଙ୍କର ହେବ। ତୁମର କେଉଁ ଦେବାଳୟକୁ ଯିବା ଦରକାର ନାହିଁ (ଅର୍ଥ ସିଧା ଭାର୍ଯ୍ୟାଳୟକୁ ଆସ)। ଏ ରିଷ୍ଟ କାଟିବା ପୂଜା ମୋତେ ଜଣା ।''


*-ବନମାଳୀ ଭବନ, ଖାନ୍ ନଗର , କଟକ ମୋ: ୯୪୩୭୦୧୦୭୫୮*

## ପୁସ୍ତକ ସମୀକ୍ଷା

### ଭିନ୍ନ ଏକ ମୀରା

**ଲେଖିକା- ଜୟଶ୍ରୀ ଦାସ, ପ୍ରକାଶକ- ଲିପିକା, ନିଜିଗଡକୁରୁଖି, ହରିରାଜପୁର, ଜଟଣୀ, ମୂଲ୍ୟ- ୧୬୦ଟଙ୍କା**

ଗଳ୍ପ ସଂକଳନରେ ୨୫ଟି ଗପ ସ୍ଥାନୀତ ହୋଇଛି । ଗଳ୍ପଗୁଡିକ ମୁଖ୍ୟତଃ ବିଭୁ ପ୍ରେମ ଓ ଆତ୍ମ ନିବେଦନର ଅନୁଭବକୁ ନେଇ ରଚିତ। ବର୍ତ୍ତମାନ ସମାଜରେ ମଣିଷ ତା'ର ବିଶ୍ୱାସ ଓ ଭରସା ତୁଟେଇ ଦେଉଛି । ତେଣୁ ଗାଳ୍ପିକା ପୁସ୍ତକରେ ସମାଜରେ ଘଟୁଥିବା ମିଛ, ଛଳନା ଓ ପ୍ରବଞ୍ଚନାର କଥା କହିବାକୁ ଚେଷ୍ଟା କରିଛନ୍ତି । ଏଥିରେ ଗୋବିନ୍ଦର ହସ ଗପକୁ ଦେଖିଲେ, ସେ ଗ୍ୟାସ କମ୍ପାନୀରେ କାମ





କରୁଥିବା ଜଣେ ବ୍ୟକ୍ତି। ବାହାଘର ପୂର୍ବରୁ ଲକ୍ଷ୍ମୀଙ୍କ ସହିତ ସମ୍ପର୍କ । ଆଉ ବାହାଘର ପରେ କିଭଳି ଲକ୍ଷ୍ମୀଙ୍କ ସହ ଅକସ୍ମାତ୍ ଦେଖା ହେଉଛି ସେ ବିଷୟରେ ଗାଳ୍ପିକା ସୁନ୍ଦର ଭାବେ ବର୍ଣ୍ଣନା କରିଛନ୍ତି। ସେହିପରି ନିଆରା ବନ୍ଧୁତ୍ୱ ଗପରେ ଧନେଶ୍ୱରବାବୁ ଆଉ ସ୍ତ୍ରୀ ସୁଲୋଚନାଙ୍କ କଥା ଦେଖିଲେ ତାହା ମଧ୍ୟ ନିଚ୍ଛକ ଆଉ ଚମତ୍କାର ଉପସ୍ଥାପନା ଲାଗିବ।

### ମୋ ସ୍ମୃତିରେ ଶହୀଦନଗର

**ଲେଖକ- ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆ**
**ପ୍ରକାଶକ- ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**
**ବିନୋଦ ବିହାରୀ, କଟକ-୨, ମୂଲ୍ୟ- ୨୫୦ଟଙ୍କା**

ମୋ ସ୍ମୃତିରେ ଶହୀଦନଗର ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆଙ୍କ ୩୨ବର୍ଷର ଅନୁଭୂତିକୁ ନେଇ ରଚିତ । ଏଥିରେ୪୪ଟି ବିଷୟରେ ଆଲୋଚନା କରାଯାଇଛି। ଅଭିଶପ୍ତ ରାଜକୁମାରରୁ ଆରମ୍ଭ ହୋଇ ରେ ପୂଣ୍ୟପୀଠ, ତୋତେ ଅୟୂତ ପ୍ରଣାମରେ ଶେଷ ହୋଇଛି। ଏଥିରେ ଲେଖକ





ପିଲାଦିନେ ଥରେ ଦାଣ୍ଡରୁ ଖେଳସାରି ଘରକୁ ଆସି ବୋଉକୁ ପଛପଟୁ ଧରି କହିଲେ ବୋଉ ମୁଁ ଶିକ୍ଷକ ହେବି । ବୋଉ ଚିଡ଼ିକରି କହିଲେ ନା' ତୁ ବାପା ପରି ହୁଅନା। ସେ କହିଲେ ସେ ହାଇସ୍କୁଲ ଶିକ୍ଷକ ହେବେ। ସତରେ ବି ହାଇସ୍କୁଲ ଶିକ୍ଷକରୁ ଅବସର ନେଇଛନ୍ତି ଡକ୍ଟର ଖୁଣ୍ଟିଆ । ପୁସ୍ତକଟି ଡକ୍ଟର ଖୁଣ୍ଟିଆଙ୍କ ଆତ୍ମଜୀବନୀ ; ଯାହା ସୁଖପାଠ୍ୟ ଓ ସ୍ମରଣୀୟ ।

### ସାରଳା ପ୍ରତିଭା

**ସଂକଳକ- ସୁରେଶ ଚନ୍ଦ୍ର ମହାନ୍ତି**
**ପ୍ରକାଶିକା- ମାନସୀ ମହାନ୍ତି, ନିଳାଦ୍ରୀ ନୀଳୟ, ମହାନ୍ତି ସାହି, ତେନ୍ତୁଳିପଦା, ତିର୍ତ୍ତୋଲ, ମୂଲ୍ୟ-ନିଃଶୁଳ୍କ**

ସାରଳା ପ୍ରତିଭାର ସଂକଳକ ହେଉଛନ୍ତି ସୁରେଶ ଚନ୍ଦ୍ର ମହାନ୍ତି । ପୁସ୍ତକଟି ମାତ୍ର ୪୦ ପୃଷ୍ଠାର । କିନ୍ତୁ ପୃଷ୍ଠା ସଂଖ୍ୟା କମ୍ ହେଲେ ମଧ୍ୟ ମହାନ୍ତି ୧୧ଟି ବିଷୟରେ ଆଲୋଚନା କରିଛନ୍ତି । ପ୍ରଥମରେ ଆଦିକବିଙ୍କ ବାସସ୍ଥାନ, ଶୂଦ୍ରମୁନି ଉପାଧି, ପଣ୍ଡିତ ସମ୍ପନ୍ନ ବ୍ୟକ୍ତି, ସମାଜ ଶିକ୍ଷା ବ୍ୟବସ୍ଥା, ବିଦ୍ୟା ଶିକ୍ଷା,




ଗାଉଁଲି ସର୍ଜନା, ବିଦ୍ୱାନଙ୍କ ମତ, ସାରଳା ଭାଷା, ସାରଳା ଜନ୍ମ ପଞ୍ଜିକା ବିବରଣୀ, ସ୍ମୃତିର ଚିହ୍ନ ଓ ବଂଶ ପରିଚିତି ଆଦି ଏଥିରେ ସ୍ଥାନୀତ ହୋଇଛି । ଭାରତର ପ୍ରମୁଖ କବିମାନଙ୍କ ମଧ୍ୟରେ ସାରଳା ଦାସ ଜଣେ ଅବିସ୍ମରଣୀୟ ପ୍ରତିଭା । ସେ ବିରାଟ ସାହିତ୍ୟ ସୌଧ ନିର୍ମାଣ କରି କାଳଜୟୀ ହୋଇପାରିଛନ୍ତି ।



# ଚଢ଼େଇ ମୁଣ୍ଡରେ ଆଣ୍ଟିନା

**ନି**ଉଗିନିର ମୋଣ୍ଟେନ ଜଙ୍ଗଲରେ ଦେଖିବାକୁ ମିଳେ ଏକ ସୁନ୍ଦର କିନ୍ତୁ ଅଜବ ଚଢ଼େଇ । ଏହାର ଶରୀରରେ ଥିବା କଳା, ହଳଦିଆ ଓ ବାଦାମୀ ରଙ୍ଗର ସୁନ୍ଦର ପର ଏହାକୁ ସୁନ୍ଦର କରେ । ଆଉ ଏହାକୁ ଅଜବ କରାଏ ଏହାର ମୁଣ୍ଡରେ ଥିବା ପରରେ ତିଆରି ବହୁତ ଲମ୍ବା ଆଣ୍ଟିନା, ଯାହାକି ତା'ର ଭ୍ରୂଲତା ଉପର ଭାଗରୁ ବାହାରିଥାଏ । ଏହି ଆଣ୍ଟିନା ସଦୃଶ ପରର ଲମ୍ବ ୨୦ ଇଞ୍ଚରୁ ଊର୍ଦ୍ଧ୍ୱ ହୋଇଥାଏ । ଯାହାକି ତା'ର ଶରୀର ଲମ୍ବାର ଦୁଇଗୁଣ । ଭ୍ରୂଲତା ଉପରେ ଥିବା ସ୍ୱତନ୍ତ୍ର ମାଂସପେଶୀ ଏହି ଦୁଇ ଆଣ୍ଟିନା ସଦୃଶ ପରକୁ ଉପର, ତଳ ଓ ଦୁଇ ପାର୍ଶ୍ୱକୁ ହଲାଇବାରେ ସାହାଯ୍ୟ କରେ । ଏହି ପରକୁ ସେ ମାଈ ଚଢ଼େଇକୁ ଆକର୍ଷିତ କରିବା ଲାଗି ବ୍ୟବହାର କରିଥାଏ ।











# ଏଭରେଷ୍ଟ ବିଜୟିନୀ ଯାଆଁଳା ଭଉଣୀ

**ଭା**ରତର ମହିଳାମାନେ ସବୁ କ୍ଷେତ୍ରରେ ନିଜକୁ ପ୍ରମାଣିତ କରି ଆସିଛନ୍ତି । ପୁରୁଷ ସହ ସେମାନେ କାନ୍ଧରେ କାନ୍ଧ ମିଳାଇ ଆଗକୁ ବଢି ଚାଲିଛନ୍ତି । ଏଇ ଯେମିତି ଦୁଇ ଯାଆଁଳା ଭଉଣୀ ତାଶୀ ଓ ନୁଙ୍ଗଶୀ ମଲିକ । ଏହି ଦୁଇ ଭଉଣୀ ଏକା ସାଙ୍ଗରେ ମାଉଣ୍ଟ ଏଭରେଷ୍ଟ ଚଢି ଇତିହାସ ରଚିଛନ୍ତି । କେବଳ ଭାରତ ନୁହେଁ ସାରା ପୃଥିବୀରେ ମାଉଣ୍ଟ ଏଭରେଷ୍ଟ ଚଢିଥିବା ଏକମାତ୍ର ଯମଜ ଭଉଣୀର ରେକର୍ଡ ଏ ଦୁହେଁ କରିଛନ୍ତି । ଏହି ଦୁଇ ଯାଆଁଳା ଭଉଣୀ ହରିୟାଣା, ସୋନିପତ ଜିଲାର କଲୋନେଲ ବୀରେନ୍ଦ୍ର ସିଂ ମଲିକ ଓ ଅଞ୍ଜୁ ଥାପାଙ୍କ ଝିଅ । ଏହି ଦୁଇ ଭଉଣୀଙ୍କ ପାଠପଢା ଦେଶର ବିଭିନ୍ନ ରାଜ୍ୟରେ ହୋଇଛି । ଦୁଇ ଭଉଣୀଙ୍କର ପର୍ବତାରୋହଣ କରିବାର ବହୁତ ଇଚ୍ଛା ଥିଲା । ସେଥିପାଇଁ ସେମାନେ ୨୦୧୦ରେ ନେହେରୁ ପର୍ବତାରୋହଣ ସଂସ୍ଥାନରେ ପ୍ରଶିକ୍ଷଣ ନେଲେ । ସେତେବେଳେ ତାଙ୍କୁ ମାତ୍ର ୧୯ ବର୍ଷ ବୟସ । ପ୍ରଶିକ୍ଷଣ ସରିବା ପରେ ନିଷ୍ପତ୍ତି ନେଲେ ମାଉଣ୍ଟ ଏଭରେଷ୍ଟ ଚଢିବେ । ହେଲେ ମା' ଏଥିପାଇଁ ରାଜି ନ ଥିଲେ । ଦୁଇ ଭଉଣୀ ଅନେକ ବୁଝାଇବା ପରେ ଯାଇ ମା' ରାଜି ହେଲେ । ଆଉ ୨୦୧୩, ୧୯ ମେ ମାସରେ ଦୁହେଁ ସଫଳତାର ସହ ଏଭରେଷ୍ଟ ଚଢି ନୂଆ ରେକର୍ଡ ସୃଷ୍ଟି କଲେ । ଏହି ଅଭିଯାନ ସମୟରେ ସରକାରଙ୍କ ତରଫରୁ ବହୁତ କମ୍ ଆର୍ଥିକ ସହାୟତା ମିଳିଥିଲା । ଯେଉଁଥିରେ ଦୁଇ ଭଉଣୀଙ୍କ ସ୍ୱପ୍ନ ପୂରା ହେବା ସମ୍ଭବ ନ ଥିଲା । ଶେଷରେ ପରିବାର ଲୋକେ ସୁନା ଗହଣା ବିକି ଦେଇଥିଲେ । ଆଉ ଦୁଇ ଝିଅଙ୍କ ସ୍ୱପ୍ନ ସାକାର କରାଇଲେ । ଏହାପରେ ଦୁଇ ଭଉଣୀ ଏକ୍ସପ୍ଲୋରର୍ସ ଗ୍ରାଣ୍ଡ ସ୍ଲାମ ବି ସଫଳତାର ସହ ସମ୍ପନ୍ନ କଲେ । ଯଦ୍ୱାରା ଦୁହେଁ ଏକ୍ସପ୍ଲୋରର୍ସ ଗ୍ରାଣ୍ଡ ସ୍ଲାମ ସମ୍ପନ୍ନ କରିଥିବା ଭାରତ ଓ ଦକ୍ଷିଣ ଏସିଆର ପ୍ରଥମ ଯମଜ ଭଉଣୀ ପାଲଟିଲେ ।

# ମୂଷା ଚଲାଉଛି କାର୍

**କା**ର୍ ଚଲାଇବା ଏକ ସାଧାରଣ କଥା । ହେଲେ ଯଦି କୌଣସି ପ୍ରାଣୀ କାର୍ ଚଲାନ୍ତି ତେବେ କଥାଟା ନିଶ୍ଚିତଭାବେ ସମସ୍ତଙ୍କୁ ଅଜବ ଲାଗିବ । ଏଇ ଯେମିତି ନିକଟରେ ମୂଷା କାର୍ ଚଲାଉଥିବାର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ତେବେ ଏହି ମୂଷାଗୁଡିକ ଏମିତି ହଠାତ୍ କାର୍ ଚଲାଉ ନାହାନ୍ତି ବରଂ କିଛି ବୈଜ୍ଞାନିକ ସେହି ମୂଷାଙ୍କୁ କାର୍ ଚଲାଇବାର ତାଲିମ ଦେଇଛନ୍ତି । ଫଳରେ ସେମାନେ ବେଶ୍ ଦକ୍ଷତା ଥିବା ଭଳି କାର୍ ଚଲାଉଛନ୍ତି । ଡେଲି ଷ୍ଟାର ନ୍ୟୁଜ୍‌ର ରିପୋର୍ଟ ମୁତାବକ ଆମେରିକାର ୟୁନିଭର୍ସିଟି ଅଫ୍ ରିଚମଣ୍ଡ ମୂଷାର ଏକ ଗ୍ରୁପ୍‌କୁ ପ୍ଲାଷ୍ଟିକ୍‌ରେ ତିଆରି ଛୋଟ କାର୍ ଚଲାଇବା ଶିଖାଇଛନ୍ତି । ସେମାନେ ଭଲରେ ଗାଡି ଚଲାଇଲେ ଖୁସିରେ ତାଙ୍କୁ ଫ୍ରୁଟ୍ ଲୁପ୍ ବ୍ରାଣ୍ଡର ଶସ୍ୟରେ ତିଆରି ସ୍ୱାଦିଷ୍ଟ ଖାଦ୍ୟ ଦିଆଯାଏ । ଏହି ଅଧ୍ୟୟନର ମୁଖ୍ୟ ଡ. କେଲି ଲେମ୍ବର୍ଟ କୁହନ୍ତି ,'ମୂଷାଙ୍କ ମସ୍ତିଷ୍କ ମଣିଷଙ୍କ ପରି ହୋଇଥାଏ । ଅର୍ଥାତ୍ ମୂଷାମାନେ ଯେକୌଣସି କଳାକୁ ଖୁବ୍ ଶୀଘ୍ର ଶିଖିପାରନ୍ତି । ସେଥିପାଇଁ କାର୍ ଚଲାଇବା ବି ଶୀଘ୍ର ଶିଖିଗଲେ ।'ବୈଜ୍ଞାନିକମାନେ ଏହି ପରୀକ୍ଷଣ ପାଇଁ ସର୍ବ ପ୍ରଥମେ ପ୍ଲାଷ୍ଟିକ ଡବାରେ ଆଲୁମିନିୟମ ପ୍ଲେଟ୍ ଓ ଚକ ଲଗାଇ ଛୋଟ ପ୍ଲାଷ୍ଟିକ୍‌ର କାର୍ ତିଆରି କରିଥିଲେ, ଯାହାକି ବିଜୁଳିରେ ଚାଲେ । ସେଥିରେ କପର୍ ତାର ବି ଲଗାଇଲେ । କାର୍ ଚଲାଇବା ଲାଗି ମୂଷାଙ୍କୁ ଗାଡିର ଆଲୁମିନିୟମ ପ୍ଲେଟ୍ ଉପରେ ବସାଇବା ପରେ ମୂଷା ଯେତେବେଳେ କପର୍ ତାରକୁ ଛୁଅନ୍ତି ସର୍କିଟ୍ ପୂରା ହେଇଯାଏ । ଆଉ ଗାଡ଼ି ଚାଲିବା ଆରମ୍ଭ ହୁଏ ।

